ମୂଲ୍ୟ:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାଞ୍ଚଳ


ଜୁଲାଇ ୧୦-୨୩, ୨୦୧୯

**ସ୍ମରଣୀୟ :** ରାମଚନ୍ଦ୍ର ବେହେରା

**ସ୍ମୃତି -ଅନୁଭୂତି :** ପ୍ରତାପ ଚନ୍ଦ୍ର ପାଢ଼ୀ

**ପ୍ରଥମ ବହି :** ଅମରେଶ ବିଶ୍ୱାଳ

**ପହିଲି ପୁଲକ :** ଦିଲୀପ କୁମାର ଚୌଧୁରୀ










# ଅବକ୍ଷୟମୁଖୀ ଜାତୀୟ ଚରିତ୍ର

ସେ ମୋ’ ଜୀବନର ପ୍ରଥମ ବହି କଥା ପଡ଼ିଲେ, ମୋର ସେଇ କାନ୍ଧୁରା ଫଟୋଗ୍ରାଫରଙ୍କ କଥା ମନେପଡ଼େ। ସେତେବେଳେ ଫଟୋଗ୍ରାଫି ଏତେ ସହଜ କଳା ନ ଥିଲା। ଇଏ ୨୦୦୧ ମସିହାର କଥା, ଯେତେବେଳେ ସୋସିଆଲ ମିଡିଆ ନ ଥିଲା କି ମୋବାଇଲ୍‌ରେ କ୍ୟାମେରା ନ ଥିଲା। ମୋ’ ଜୀବନର ପ୍ରଥମ ବହି ବାହାରିବାର ଥାଏ, ଏ ହିସାବଟି ମୋ’ ମନକୁ ଆସି ନ ଥାଏ। ବହିର କଭର ପଛରେ ଫଟୋଟିଏ ଲାଗିବ, କିନ୍ତୁ ସେତକ ନାହିଁ। ଥିଲା ପ୍ଲସ୍-ଟୁ ବେଳର ଗୋଟେ ମୁରୁକୁଟିଆ ଫଟୋ, ଯାହା ଶିଳ୍ପୀବନ୍ଧୁ ରମାକାନ୍ତ ସାମନ୍ତରାୟଙ୍କ ମନକୁ ପାଇଲାନି। ରମାକାନ୍ତ ତା’ର ଏକ ବଡ଼ ଓ ସୁନ୍ଦର ପେଣ୍ଟିଂକୁ ବହିର କଭର କଲା।




ବାଣୀବିହାରର କାନ୍ଧୁରା ଫଟୋଗ୍ରାଫର ଭାଇ ଆସିଲେ। ସଦ୍ୟ ବିଛଣା ଛାଡ଼ିଥିବା ମୋ’ ପାତିମୁହଁରେ ଟିକେ ପାଉଡର ମଖେଇ, ମତେ ଛାତ ଉପରକୁ ନେଇଗଲେ। ବ୍ୟାଗ୍‌ରୁ ଗୋଟେ ନେଳିଆ କପଡ଼ା ବାହାର କଲେ, ଯାହାକୁ ଏକ ବ୍ୟାକ୍‌ଗ୍ରାଉଣ୍ଡ ଭାବେ ମୋ’ ପଛରେ ଧରିକି ଠିଆହେଲେ ରମାକାନ୍ତ ଓ ମୋ’ ସମ୍ପର୍କୀୟ ଭାଇ ହାପି। ଅଳ୍ପ କ୍ଷଣ ଭିତରେ, ବିନା ଷ୍ଟୁଡିଓରେ ମୋର ପାସପୋର୍ଟ ଫଟୋ ଉଠିଗଲା। ତାହା ଏକ ରିଲ୍‌ବାଲା କ୍ୟାମେରା ଥିଲା, ଯେଉଁଥିରେ ମୋ’ ଫଟୋ କେମିତି ଆସିଲା ଦେଖିବା ସମ୍ଭବ ନ ଥିଲା। ଏକ ନିର୍ଦ୍ଦିଷ୍ଟ ଦୈନିକ ଖବରକାଗଜରେ ମୁଁ ଅନିୟମିତ ଭାବେ ଲେଖୁଥିବା ଏକ ସ୍ତମ୍ଭର ନାଁ ଥିଲା ‘ଅବକ୍ଷୟମୁଖୀ ଜାତୀୟ ଚରିତ୍ର’। ସେଇ ଲେଖାସବୁକୁ ଏକାଠି କରି ଏ ବହିଟି କରିବାର ପ୍ରୟାସ ଥିଲା। ବହିଟିଏ ବାହାର କରିବାର ଉତ୍କଣ୍ଠା ତ ଥିଲା, କିନ୍ତୁ ତାକୁ ନିଜ ହାତରେ ତିଆରି କରିବାର ଆନନ୍ଦ ଅଧିକ ଥିଲା। ପାଖରେ ଚଳିବାକୁ ଟଙ୍କା ନ ଥାଏ, ବହି ଛାପିବାକୁ ଟଙ୍କା ବା କୋଉଠୁ ଆସିବ ? ଅନିୟମିତ ମାସିକ ଦରମା। କିନ୍ତୁ ଏତେସବୁ ଅଭାବ କଥା କିଏ ଚିନ୍ତା କରୁଛି ? ସେ ସବୁ ସମୟ ଥିଲା ସେମିତି, ଚଟ୍ କରି ଡେଇଁ ପଡ଼ିବାର ସମୟ। ସେତେବେଳେ ଆମେ ‘ଅଙ୍କୁର ସାହିତ୍ୟ ସଂସ୍କୃତି ପରିଷଦ’ କରି ସାହିତ୍ୟରେ ମାତିଥାଉ। ହାତରୁ ପଇସା ଖର୍ଚ୍ଚ କରି ସେଇ ସଂସ୍ଥା ନାଁରେ ବହି ଛାପିଲୁ। ମୁଦ୍ରଣ ସମ୍ପର୍କରେ ମୋର ଓ ରମାକାନ୍ତର ଅଳ୍ପ କିଛିକିଛି ଜ୍ଞାନ ଥାଏ। ଜୀବନର ପ୍ରଥମ ବହି, ପ୍ରବନ୍ଧ ବହି। ଅନେକଙ୍କ ପରି ମୁଁ ମଧ୍ୟ ମୋ’ ବାପା ବୋଉଙ୍କୁ ଉତ୍ସର୍ଗ କରିଥିଲି। ଲେଖିଥିଲି, ‘‘ବୋଉ ଓ ବାପାଙ୍କୁ... ଯେଉଁମାନେ ଜୀବନବ୍ୟାପୀ ଚରିତ୍ରବାନ୍ ମଣିଷଟିଏ ହୋଇ ରହିବା ପାଇଁ ଶିକ୍ଷା ଦେଇଛନ୍ତି।’’ ସେତେବେଳକୁ ବୋଉର ଦେହାନ୍ତ ହୋଇସାରିଥିଲା। ବାପା ଏ ବହିଟିକୁ ଅନେକଥର ପଢୁଥିଲେ ଓ ଅନ୍ୟମାନଙ୍କୁ ଦେଖାଉଥିଲେ। କହୁଥିଲେ– ‘‘ଇଏ ମୋ’ ପୁଅ, ଲେଖାଲେଖି କରେ।’’ ଏ ବହିଟିରେ ଆମ ସମାଜରେ ଘଟୁଥିବା ବିଭିନ୍ନ ଘଟଣାରେ କିପରି ଆମର ଚାରିତ୍ରିକ ସ୍ଖଳନ ଘଟିଛି ତାହା ଲେଖିଛି। ସେଥିରୁ ଅନେକ ଏବେ ବି ପ୍ରାସଙ୍ଗିକ। କିଛି ବଦଳିନି ମୋ’ ଚାରିପାଖର ଦୁନିଆ। ବହିଟିକୁ ଯେହେତୁ ମୁଁ ନିଜେ କରିଛି, ତେଣୁ ପ୍ରତି ଘଟଣା ମୋର ମନେଅଛି। ଅକ୍ଷରସଜ୍ଜାଠାରୁ ପ୍ରିଣ୍ଟିଂପ୍ରେସ୍‌ରେ ଛପାଯିବା, କାଗଜ କିଣିବା, ରଙ୍ଗିନ୍ ପ୍ରଚ୍ଛଦରେ ମୋ’ ଫଟୋ ଦେଖି ଉତ୍‌ଫୁଲ୍ଲିତ ହେବା, ଲାମିନେସନ କରିବା, ବାଇଣ୍ଡର ପାଖକୁ ବାରମ୍ବାର ଦୌଡ଼ିବା, ଜୁହୁ-ସିଲେଇ ବେଳେ ବହିଟିର ଲଙ୍ଗଳା ଦେହ ଦେଖିବା, ସବୁ ମନେଅଛି ଗୋଟିଗୋଟି। ଅନିୟମିତ ଭାବେ ପାଉଥିବା ଦରମା ଟଙ୍କାରୁ କିଛି ଏଇ ବହି ପାଇଁ ଖର୍ଚ୍ଚ ହୋଇଯାଇଥିଲା। ତେଣୁ ସେଥର ଘରଭଡ଼ା ଦେବା ମୋ’ ପାଇଁ ସମସ୍ୟା ହୋଇଥିଲା। ବହିଟିକୁ ଦେଖିଲେ ଆନନ୍ଦ, ଏପଟେ ଘର ମାଲିକକୁ ଦେଖିଲେ ଆତଙ୍କ। ଗରିବ ଲେଖକକୁ ଦଇବ ସାହା ହେଲାପରି ଯୋଗକୁ ସେଇଥର ‘ରାଜଧାନୀ ପୁସ୍ତକ ମେଳା’ରେ ପ୍ରବନ୍ଧ ବିଭାଗରେ ଏଇ ବହିଟି ପୁରସ୍କାର ପାଇବାକୁ ମନୋନୀତ ହେଲା। ପୁରସ୍କାର ପାଇଁ ଦାଖଲ ତାରିଖ ଗଡ଼ିଯିବ ବୋଲି ଦୁଇଟି ବହି ଅଧା ବାଇଣ୍ଡିଂରୁ ଦରଶୁଖିଲା ଅବସ୍ଥାରେ ପୁସ୍ତକ ମେଳା ଅଫିସରେ ଦାଖଲ କରିଥିଲୁ। ପୁରସ୍କାର ପାଇଲା ବୋଲି ମନ ଯେତିକି ଖୁସି ନ ଥିଲା, ପୁରସ୍କାର ବାବଦକୁ ମିଳିବାକୁ ଥିବା ଦୁଇହଜାର ଟଙ୍କା ପାଇଲେ ତାକୁ ଆଣି କେମିତି ଘରମାଲିକ ମୁହଁକୁ ଫିଙ୍ଗିବି, ସେଇ ଆନନ୍ଦରେ ଅଧୀର ଥିଲି। ବହିଟି ଯଦି ମୋ’ ପ୍ରଥମ ସନ୍ତାନ ହୁଏ, ତେବେ ଏଇ ପୁରସ୍କାର ଥିଲା ମୋ’ ପ୍ରଥମ ସନ୍ତାନର ଜନ୍ମଦାତା ପାଇଁ ପ୍ରଥମ ରୋଜଗାର। ଏହାପରେ ମଧ୍ୟ ବହିଟି ମୋ’ ପାଇଁ କିଛି ରୋଜଗାର କରିଛି ଓ ତାକୁ ଜନ୍ମ ଦେବାକୁ ମୁଁ କରିଥିବା ସମସ୍ତ କରଜ ସେ ସୁନାପିଲା ପରି ଶୁଝିଦେଇଛି।






ଅମରେଶ ବିଶ୍ୱାଳ

# ‘ସାହିତ୍ୟାୟନ’ ସନ୍ତପ୍ତ ପ୍ରାଣରେ ଶୀତଳ ଚନ୍ଦନ ସଦୃଶ




**ମହାଶୟ,**

✲ ଜୁନ୍ ୧୨ରୁ ୨୫ ଏକ ଉତ୍ତପ୍ତ ସକାଳରେ ‘ସାହିତ୍ୟାୟନ’ ଜ୍ଞାନାଞ୍ଜନ ମୋର ହସ୍ତଗତ ହେଲା। ପ୍ରାପ୍ତି ମାତ୍ରକେ ମୋର ସନ୍ତପ୍ତ ପ୍ରାଣରେ ଶୀତଳ ଚନ୍ଦନ ଲେପନ ହେଲା ପରି ଅନୁଭବ କଲି। ଏଥର ‘ସାହିତ୍ୟାୟନ’ରେ ଦୁଇଜଣ ବଳିଷ୍ଠ ସାରସ୍ୱତ ସାଧକ ଗଙ୍ଗାଧର ବିଶ୍ୱାଳ ଏବଂ ଶ୍ୟାମପ୍ରକାଶ ସେନାପତିଙ୍କୁ ହୃଦୟର ଗଭୀରତମ ପ୍ରଦେଶରୁ ସାରସ୍ୱତ ଶୁଭେଚ୍ଛା ଏବଂ ଅଭିନନ୍ଦନ। ଶ୍ୟାମପ୍ରକାଶ ସେନାପତି ମୋର ଜଣେ ଅନ୍ତରଙ୍ଗ ବନ୍ଧୁ। କବିତା ସଂଯୋଜନା କରିବା ସହ ଲେଖିବାରେ ପ୍ରବଳ ଦକ୍ଷତା। ରାମଚନ୍ଦ୍ର ଦାଶଙ୍କୁ ମୋର ସ୍ୱତନ୍ତ୍ର ବଧେଇ, ଯେ କି ମୋ’ ଗାଁର ଜଣେ ସୁଯୋଗ୍ୟ ସନ୍ତାନ। ତରବାରିଠାରୁ ତାଙ୍କ ଲେଖନୀ କାହିଁ କେତେ ଗୁଣରେ ଶକ୍ତିଶାଳୀ। ‘ପଖାଳ’ ଗଳ୍ପ ପ୍ରେମକୁ ନେଇ ରଚିତ। ତ୍ରିନାଥ ବାବୁଙ୍କ ଶାଣିତ ଲେଖନୀରେ ଗଳ୍ପଟି ଅତି ଜୀବନ୍ତ ହୋଇଛି। ସ୍ୱଳ୍ପ ପାଠୁଆ ମହିଆ ଏକତରଫା ଭାବେ ଗାଉଁଲି ଝିଅକୁ ଭଲପାଇବା, ତାକୁ ପାଇବା ପାଇଁ ରଘୁ ମହାନ୍ତି ଘରୁ କାନଫୁଲ ଚୋରି କରିବା, ପଖାଳ ଖାଇ ଧରାପଡ଼ିବାରୁ ସ୍ପଷ୍ଟ ପ୍ରମାଣିତ ପ୍ରେମିକ ମହିଆ ପ୍ରେମିକା ବେଲାରାଣୀ ପାଇଁ ଦରକାର ପଡ଼ିଲେ ପ୍ରାଣ ମଧ୍ୟ ଦେଇପାରେ। ରଘୁ ମହାନ୍ତି ଘରୁ ପଖାଳ ଖାଇଲାବେଳେ ଲଙ୍କାମରିଚ ଖାଇ ଧରାପଡ଼ିବା ଗପଟି ହାସ୍ୟରସାତ୍ମକ ଭାବ ସୃଷ୍ଟି କରୁଛି। କାନଫୁଲ ଚୋରି କରି ପ୍ରେମିକା ବେଲାରାଣୀକୁ ଦେଲାପରେ ବେଲାରାଣୀ ମହିଆକୁ ଯେଉଁ ଶିକ୍ଷା ଦେଇଛି ତାହା ଗପଟିକୁ ପ୍ରାଣବନ୍ତ କରିଛି। ଗିରୀଶ ସାହୁଙ୍କର ‘ଭାରତବର୍ଷ’ ଗଳ୍ପ ସର୍ବଧର୍ମ ସମନ୍ୱୟବାଦୀ ଗଳ୍ପ। ଏହା ବର୍ତ୍ତମାନ ଭାରତବର୍ଷରେ ଘୂରି ଚାଲିଛି। ଜାତି ହେବାର ବିଚାର ବର୍ତ୍ତମାନ ଭାରତରେ ନାହିଁ। ବିଭିନ୍ନତା ମଧ୍ୟରେ ଏକତା ହିଁ ଭାରତବର୍ଷର ଆତ୍ମିକ ପରିଚୟ ବୋଲି ଗାଳ୍ପିକ ପ୍ରତିପାଦନ କରିଛନ୍ତି। ‘କାଦମ୍ବିନୀର ହସ’ ଏକ ରୋମାଞ୍ଚ ଗଳ୍ପ। ପ୍ରେମ ଲାଗି ନିଜ ସାଙ୍ଗ ଗୀତାକୁ ଧୋକା ଦେଇ ସ୍ୱାର୍ଥ ହାସଲ କରିବାରେ ‘କାଦମ୍ବିନୀ’କୁ ଗାଳ୍ପିକ ଜୀବନ୍ତ ଭାବରେ ବର୍ଣ୍ଣନା କରିଛନ୍ତି। ‘ନିକିର ପାପା’ ଏକ ବିୟୋଗାନ୍ତକ ଗଳ୍ପ, ଯାହାକୁ ଗାଳ୍ପିକା ମୀନାକ୍ଷୀ ଦେବୀ ମର୍ମସ୍ପର୍ଶୀ ଭାଷାରେ ବର୍ଣ୍ଣନା କରି ପାଠିକାପାଠକମାନଙ୍କ ଆଖିରୁ ଅଶ୍ରୁପାତ କରିବାରେ ସକ୍ଷମ ହୋଇଛନ୍ତି। ନିକି ହେଉଛି ଏକ ଛୋଟପିଲା। ତା’ର ବାପା ଯୁଦ୍ଧକ୍ଷେତ୍ରରେ ଶହୀଦ ହୋଇଯାଇଛନ୍ତି। ତାଙ୍କର ଶବ ଘରକୁ ଆସୁଛି। ‘ଅମର ରହେ’ ଧ୍ୱନିରେ ଗଗନ ପବନ ଫାଟି ପଡୁଛି। ଛୋଟ ଶିଶୁ ଏସବୁ କିଛି ବୁଝିପାରୁନି। ନିଜେ ଶିଶୁ ହୋଇ ପର ହୃଦୟର ଭାଷାକୁ ମୀନାକ୍ଷୀ ଦେବୀ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି। ଛନ୍ଦା ମିଶ୍ର ଏବଂ ସତ୍ୟ ପଟ୍ଟନାୟକଙ୍କ କବିତା ଚମତ୍କାର।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

✲ ଓଡ଼ିଶାର ଗଣପର୍ବ ରଜ ଅବସରରେ ‘ସାହିତ୍ୟାୟନ’ ୧୨–୨୫ ଜୁନ୍ ସଂଖ୍ୟା ହସ୍ତଗତ ହେଲା। ଗଳ୍ପ ‘ଭାରତବର୍ଷ’ ବେଶ୍ ମନକୁ ଛୁଇଁଲା। ନିଜ ଘର ଭିତରେ ପ୍ରଫେସର ମହାଶୟ ସାରା ଭାରତକୁ ଦେଖୁଛନ୍ତି, ଏହି କଥାଟିକୁ ଗାଳ୍ପିକ ସୁନ୍ଦର ଭାବେ ପାଠକମାନଙ୍କୁ ପରଷି ଦେଇଛନ୍ତି। ଛନ୍ଦା ମିଶ୍ରଙ୍କ କବିତା ସୁନ୍ଦର ହୋଇଛି। ଜୀବନ ଓ ମୃତ୍ୟୁ ପ୍ରତି କବିଙ୍କର ସମଦୃଷ୍ଟି କବିତାଟିର ବିଶେଷତ୍ୱ।

– ଅରୁଣ କୁମାର ନାୟକ, ମାନସ କୁମାର ଯେନା
ଏରେଇଁ, ଚରମ୍ପା, ଭଦ୍ରକ–୧

✲ ଗିରୀଶ ସାହୁଙ୍କ ‘ଭାରତବର୍ଷ’ ଗଳ୍ପରେ ଜଣେ ସଚ୍ଚୋଟ ଭାରତୀୟଙ୍କ ମହାମାନବୀୟ ତଥା ଜନହିତୈଷୀ ପ୍ରତିଛବି ପ୍ରତିବିମ୍ବିତ ହୁଏ। ଜାତି ବା ଧର୍ମଗତ ଅସାଦୃଶ୍ୟ ଭାରତୀୟମାନଙ୍କର ଏକ ଅଦୃଶ୍ୟ, ମାତ୍ର ମାରାତ୍ମକ ମାନସିକ ବ୍ୟାଧି; ଯାହାର ନିରାକରଣର ଏକ ବଳିଷ୍ଠ ପନ୍ଥା ହେଲା ଏହିପରି ଗଳ୍ପଗୁଡ଼ିକର ଗଭୀର ପଠନ, ମନନ, ଚିନ୍ତନ ତଥା ଅନୁଶୀଳନ।

– ସୌରଭ ପାଣିଗ୍ରାହୀ, ଇଂରାଜୀ ଅଧ୍ୟାପକ,
ସୁନ୍ଦରଗଡ଼ ଇଞ୍ଜିନିୟରିଂ ସ୍କୁଲ, ସୁନ୍ଦରଗଡ଼

✲ ଜୁନ୍ ୨୬– ଜୁଲାଇ ୯ ‘ସାହିତ୍ୟାୟନ’ରେ ପ୍ରକାଶିତ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ‘ଧୂଳି’ ଗଳ୍ପ ଓଡ଼ିଆ ସାହିତ୍ୟରେ ଏକ ଯୁଗାନ୍ତକାରୀ ଗଳ୍ପ। ମଝିରେ ମଝିରେ ଏହିପରି ଗଳ୍ପ ପ୍ରକାଶ କରାଗଲେ ପାଠକମାନେ ତାହାଦ୍ୱାରା ଅଧିକ ଉପକୃତ ହୋଇପାରନ୍ତେ। ‘ରେବତୀ’, ‘ଦଶହରା ଭେଟି’, ‘ଡିମିରି ଫୁଲ’ ଓ ‘ମାଗୁଣିର ଶଗଡ଼’ ଭଳି ଅନେକ କାଳଜୟୀ ଗଳ୍ପ ଓଡ଼ିଆ ସାହିତ୍ୟରେ ରହିଛି। ଏପରି ଗଳ୍ପ ଯଦିଓ ସାହିତ୍ୟାୟନରେ ମଝିରେ ମଝିରେ ପ୍ରକାଶ ପାଉଛି। ତେବେ ଏପରି ଗଳ୍ପର ସଂଖ୍ୟା ବୃଦ୍ଧି କରିବାକୁ ଅନୁରୋଧ। ଏହି ସଂଖ୍ୟାରେ ପ୍ରକାଶିତ କବିତାଗୁଡ଼ିକ ମଧ୍ୟରେ କେଦାର ମିଶ୍ର, ହରେକୃଷ୍ଣ ଦାସ ଓ ଗୋପୀନାଥ ବାଗଙ୍କ କବିତା ଉଚ୍ଚମାନର ହୋଇପାରିଛି। ‘ପହିଲି ପୁଲକ’ରେ କୃଷ୍ଣା ମିଶ୍ରଙ୍କ ଲେଖା ମୌଳିକ ଓ ଅନୁଭବୀ ହୋଇପାରିଛି। ଗିରିଶୀ କନ୍ନଡ଼ଙ୍କ ସମ୍ପର୍କରେ ସ୍ଥାନୀତ ଦୁଇଟି ଯାକ ଲେଖା ବେଶ ବୌଦ୍ଧିକ ଓ କନ୍ନଡ଼ ସାହିତ୍ୟର ମହାରଥୀ ଗିରୀଶ କର୍ନଡଙ୍କୁ ଜାଣିବାରେ ଓଡ଼ିଆ ପାଠିକାପାଠକଙ୍କୁ ଅଧିକ ସାହାଯ୍ୟ କରିବ ବୋଲି ଆଶା।

– ସଦାଶିବ ଦାଶ,
ସାଲେପୁର, କଟକ

ସାହିତ୍ୟାୟନ
**ଲେଖା ପଠାଇବାର ଠିକଣା**

ସମ୍ପାଦକ ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# ଗୁଣ୍ଡା

–ଭାସ୍କର ଜେନା



ରୀମାର କିଛି ଅଭାବ ନ ଥିଲା। ତଥାପି ସେ କାହିଁକି ଏକ ଅବଦମିତ ଦୁଃଖରେ ମିଳେଇ ପଡୁଥିଲା। ସେ ଦୁଃଖଟାକୁ ଛାତି ଭିତରୁ କାଢ଼ି ବାହାରକୁ ଫୋପାଡ଼ି ଦେବାକୁ ଯେତେ ଚେଷ୍ଟା କଲେ ମଧ୍ୟ ପାରୁ ନ ଥିଲା। ସେଇ ଛୋଟିଆ ଦୁଃଖଟି ଜଳ ତରଙ୍ଗ ପରି ଧୀରେଧୀରେ କାୟା ବିସ୍ତାର କରି ସର୍ବାଙ୍ଗକୁ ଗ୍ରାସି ଯାଉଥିଲା। ସେ ଯେତେ ଚେଷ୍ଟା କଲେ ମଧ୍ୟ ସ୍ୱାଭାବିକ ହୋଇପାରୁ ନ ଥିଲା।

କ'ଣ ସେ ଦୁଃଖ?

କାହିଁକି ସେ ଦୁଃଖ?

ରୀମାକୁ ସିଦ୍ଧାର୍ଥ ଜୋରଜବରଦସ୍ତ କଲେଜରୁ ଉଠାଇ ଆଣି ମନ୍ଦିରରେ ଶଙ୍ଖାସିନ୍ଦୂର ପିନ୍ଧାଇ ପତ୍ନୀର ଦାୟିତ୍ୱ ଲଦି ଦେଇଥିଲା। ତା'ର ସୁଖ, ସମୃଦ୍ଧି ପାଇଁ ସବୁ ଜିନିଷ ଖଞ୍ଜି ଦେଇଥିଲା। କେଉଁଥିରେ ଅଭାବ ରଖି ନ ଥିଲା। ପୁଣି ତା'ର ଦୁଃଖ କ'ଣ? ସେ କାହିଁକି ଏତେ ଦୁଃଖୀ?

ସିଦ୍ଧାର୍ଥ ଏ ସହରର ଖ୍ୟାତନାମା ଗୁଣ୍ଡା, ସୁପାରିକିଲର। କଥାକଥାକେ ଭୁଜାଲି ପେଲି ଦିଏ। ହଣାକଟା, ମଣିଷ ମାରିବା ତା'ର ଯେମିତି ପେସା ହୋଇଯାଇଥିଲା। ବାପାଙ୍କଠାରୁ ତେଜ୍ୟପୁତ୍ର ହେଲା ପରଠାରୁ ସେ ଏ ପେସାକୁ ଆପଣେଇ ନେଇଥିଲା। ସେ ଭୁଜାଲି ଦେଖାଇ ବଟି ଆଦାୟ କରି ସହର ଉପକଣ୍ଠରେ ସୁନ୍ଦର ଘରଟିଏ କରିଥିଲା। ତା'ର ରାଜନୈତିକ ପୃଷ୍ଠଭୂମି ବଡ଼ ଲମ୍ବା ଚଉଡ଼ା। ସରକାରୀ କଳ, ପୋଲିସ ପ୍ରଶାସନରେ ତା'ର ଲମ୍ବା ହାତ ରହିଛି। ଯାହା କଲେ ସାତଖୁଣ୍ ମାଫ୍।

ରଞ୍ଜନ ଜନ୍ମ ହେବା ପରେ ରୀମା ସିଦ୍ଧାର୍ଥଙ୍କୁ ଭଲ ବାଟକୁ ଆଣିବାକୁ ପ୍ରବର୍ତ୍ତାଇଥିଲା। ତା'ଛାତିରେ ମୁହଁ ଗୁଞ୍ଜି କହିଥିଲା– ସିଦ୍ଧାର୍ଥ, ଆମର ସଂସାର ବଢ଼ିଲାଣି। ଆମର ପ୍ରଥମ କର୍ତ୍ତବ୍ୟ ରଞ୍ଜନକୁ ମଣିଷ କରିବା। ସମାଜରେ ସେ ଯେମିତି ଜଣେ ଭଲ ମଣିଷ ହୋଇ ବଞ୍ଚିବ।

ଧୀରେଧୀରେ ରଞ୍ଜନ ବଡ଼ ହୋଇ ସ୍କୁଲକୁ ଗଲାଣି। ରୀମାର ଏକା ଜିଦ୍ ତୁମେ ସେ ଗୁଣ୍ଡାଗର୍ଦ୍ଦି ଛାଡ଼। ଏବେ ଭଲ ମଣିଷ ହୋଇଯାଅ। ଦେଖିବ ଆମ ସଂସାର ହସଖୁସିରେ ଉଚ୍ଛୁଳି ପଡ଼ିବ।

ରୀମାକୁ କୋଳ ଉପରକୁ ଟାଣିନେଇ ସିଦ୍ଧାର୍ଥ ତା' ଅଲରା ବାଳକୁ ସଜାଡ଼ି ଦେଇ କୁହେ– ରୀମା, ମୁଁ କ'ଣ ଗୁଣ୍ଡା ଥିଲି? ଏ ସମାଜ ମୋତେ ଗୁଣ୍ଡା ଭାବରେ ସଜେଇ ଦେଇଛି।

ସେଦିନର କଥା ଆଜି ମୋ' ଆଖି ସାମ୍ନାରେ ଜଳଜଳ ହୋଇ ଦିଶୁଛି।

ପଦ୍ମ ଥିଲା ମୋର ଅନ୍ତରଙ୍ଗ ବନ୍ଧୁ। ଘଟଣାକ୍ରମେ ଦୁଇ ବନ୍ଧୁ ପରସ୍ପର ପୃଥକ୍ ପୃଥକ୍ ଭାବରେ ଗୋଟିଏ ପୋଷ୍ଟ ପାଇଁ କଲେଜ ଇଲେକ୍‌ସନ୍‌ରେ କଣ୍ଟେଷ୍ଟ କରୁଥିଲୁ। ସେ ମୋତେ ବହୁ ଭୋଟରେ ହରାଇଥିଲା। କିନ୍ତୁ ମୁଁ ଜାଣି ନ ଥିଲି ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର ପଦ୍ମ ଉପରେ ରାଗ ଥିଲା। ସେମାନେ ସୁଯୋଗ ଉଣ୍ଡୁଥିଲେ।

ପଦ୍ମ ଜିତି ସାରିଲା ପରେ ମୋତେ ଶୁଭେଚ୍ଛା ଜଣାଇବାକୁ ଆସି ହାତ ବଢ଼ାଇଲା ବେଳେ ଦି'ଜଣ ଅଜଣା ଆତତାୟୀ ଆସି ପଦ୍ମ ଉପରକୁ ପାଞ୍ଚ ରାଉଣ୍ଡ ଗୁଳି ଚଳାଇ ବାଇକ୍‌ରେ ଫେରାର ହୋଇଯାଇଥିଲେ। ମୁଁ କାଳବିଳମ୍ବ ନ କରି ପଦ୍ମର ରକ୍ତ ଜୁଡୁବୁଡୁ ଶରୀରକୁ କାନ୍ଧରେ ପକାଇ ହସ୍‌ପିଟାଲକୁ ଧାଇଁଲାବେଳେ ବାଟରେ ପୋଲିସ ମୋତେ ଆରେଷ୍ଟ କଲା। ମୁଁ ଜେଲ ଗଲି। ପୋଲିସ ଚାର୍ଜଶିଟ୍‌ରେ ଲେଖିଥିଲା ଯେହେତୁ ପଦ୍ମ ବିରୁଦ୍ଧରେ ମୁଁ ପ୍ରାର୍ଥୀ ଥିଲି, ମୁଁହିଁ ପଦ୍ମକୁ ମର୍ଡର କରିଛି।

ଜେଲରେ ଦୀର୍ଘ ଚାରି ବର୍ଷ କଟିଲା। ଅବଶ୍ୟ ସାକ୍ଷୀ, ପ୍ରମାଣ ଅଭାବରୁ ମୁଁ ଜେଲରୁ ନିର୍ଦ୍ଦୋଷରେ ଖଲାସ ହେଲି। କିନ୍ତୁ ଜେଲ ଭିତରେ ସେଇ ଚୋର, ଖଣ୍ଟ, ଡକାୟତ, ମର୍ଡର ଆସାମୀଙ୍କ ଭିତରେ କଟାଇଲି। ପରେ ମୋ' ବିଦ୍ରୋହୀ ମନଟା ମାନସିକ ସ୍ତରରେ ରୁକ୍ଷ, କଠୋର ହୋଇଯାଇଥିଲା। ଜେଲରୁ ବାହାରିଲା ପରେ ମୋ' ଦେହରେ ଜଣେ ମର୍ଡରର, ଗୁଣ୍ଡା, ବଦମାସ, ଅସାମାଜିକ ବ୍ୟକ୍ତିର କଳଙ୍କର ଛିଟା ଦାଗ ଲାଗି ସାରିଥିଲା। ମର୍ଡର ନ କରି ମର୍ଡରର। ଛୁରି ଭୁଜାଲି ନ ଧରି ଗୁଣ୍ଡା।

ବାପା ଜଣେ ସମ୍ଭ୍ରାନ୍ତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଥିଲେ। ମୋ' ଉପରେ ତାଙ୍କର ଅନେକ ଭରସା ଥିଲା। କିନ୍ତୁ ଏସବୁ ଘଟଣା ପରେ ସେ ମୋତେ ଆଉ ଗ୍ରହଣ କଲେ ନାହିଁ। ମୁଁ ଅନନ୍ୟ ଉପାୟଶୂନ୍ୟ। ସମାଜରେ ବଞ୍ଚିବି କେମିତି?

ଯେଉଁଠିକୁ ଯାଇ ଚାକିରି ଖଣ୍ଡେ ପାଇଁ ହାତ ପତାଇଲି, ସମସ୍ତେ ମୋତେ ଜଣେ ଖୁନୀ ଆସାମୀ ଭାବରେ ଭର୍ତ୍ସନା କଲେ, ତିରସ୍କାର କଲେ। ପେଟ ପାଇଁ ବାରଦୁଆର ଶୁଙ୍ଘିପିଣ୍ଡା ହେଲି। ମୋତେ ଯିଏ ଦେଖିଲା ସେ ଭୟରେ ତା' ଦୁଆର କବାଟ ବନ୍ଦ କରିଦେଲା।

ନିରୁପାୟ ହୋଇ ଶେଷରେ ଭୁଜାଲି ଧରିଲି। ବଟି ଆଦାୟ କଲି। ଖୁନ୍ କଲି। ମର୍ଡର କଲି। ଧୀରେଧୀରେ ମୋ' ଅସାମାଜିକର ସାମ୍ରାଜ୍ୟ ବଢ଼ିବଢ଼ି ଚାଲିଲା। ସମସ୍ତେ ମୋତେ ଭୟରେ ସମ୍ମାନ ଜଣାଇଲେ। ନେତା ମନ୍ତ୍ରୀଠାରୁ ଆରମ୍ଭ କରି ଏ ସହରର ଶିଳ୍ପପତି, ବଡ଼ବଡ଼ ବ୍ୟବସାୟୀମାନେ ମୋତେ ବ୍ୟବହାର କଲେ। ସାହାଯ୍ୟ ଲୋଡ଼ିଲେ। ପ୍ରଚୁର ଅର୍ଥ ରୋଜଗାର କଲି।

ସିଦ୍ଧାର୍ଥ ଜୀବନରେ ରୀମା ଆସିଲା ପରେ ସବୁକିଛି ଓଲଟପାଲଟ ହୋଇ ଯାଇଥିଲା। ରୀମା ପ୍ରତିକ୍ଷଣରେ ଅଭିମାନ କରି କହିଥିଲା– ଯେଉଁ ହାତରେ ତୁମେ ମୋତେ ଭଲପାଉଛ, ସ୍ନେହ ଦେଉଛ, ପ୍ରେମ କରୁଛ, ସେଇ ହାତରେ ତୁମେ ମର୍ଡର କରୁଛ କେମିତି? ତୁମ ହାତ ଥରି ଉଠୁନି, ଭୁଜାଲି ଖସି ପଡୁନି! ହସି ଦେଇଥିଲା ସିଦ୍ଧାର୍ଥ।

ହସିହସି କହିଥିଲା– ଗୋଟେଯୋଡ଼େ ମର୍ଡର କରିସାରିଲା ପରେ ଆଉ ମର୍ଡର କରିବାକୁ ଭୟ ଲାଗେନା। କଂସେଇ, ଚମାର, ଗୋରୁଗାଇ, ଛେଳି ମେଣ୍ଢା କାଟିଲାବେଳେ ସେମାନଙ୍କ ପାଖରେ ଦୟା ନାମକ ଶବ୍ଦଟି ଉଭେଇ ଯାଇଥାଏ। ଏସବୁ ଶୁଣିଲା ପରେ ରୀମା କହିଥିଲା– ନା, ଏସବୁ ମୋତେ ଭଲ ଲାଗୁନି। ତମକୁ ବଦଳିବାକୁ ପଡ଼ିବ। ଏ ଚାକୁ, ଭୁଜାଲି ଚଳେଇବା ଛାଡ଼ିବାକୁ ପଡ଼ିବ। ଗୁଣ୍ଡାରୁ ଭଲ ମଣିଷ ହେବାକୁ ହେବ। ଠୋଠୋ ହୋଇ ହସିଥିଲା ସିଦ୍ଧାର୍ଥ।

ରୀମାର ସୁନ୍ଦର ମୁହଁକୁ ଟେକି ଧରି ତା' କଅଁଳ ଗାଲକୁ ଚିପି ଦେଇ କହିଥିଲା– ରୀମା, ମୁଁ ଯେଉଁ ପ୍ରଫେସନରେ ଅଛି, ତାକୁ ଛାଡ଼ିବା ଏତେ ସହଜ ନୁହେଁ। ତାକୁ ଛାଡ଼ିଦେଲେ ବଞ୍ଚିବି କେମିତି? ତା'ଛଡ଼ା ମୁଁ ଗୁଣ୍ଡାଗର୍ଦ୍ଦି ଛାଡ଼ିଦେଇ ଭଲ ମଣିଷ ହୋଇଗଲେ କ'ଣ ଏ ସହରରୁ କ୍ରାଇମ୍ ବନ୍ଦ ହୋଇଯିବ?

ଏହା ମଧ୍ୟରେ କ୍ୟାଲେଣ୍ଡରରେ ଅନେକ ଦିନ, ମାସ, ବର୍ଷ ବିତିଯାଇଛି। ରଞ୍ଜନ ଏବେ ମାଟ୍ରିକ୍ୟୁଲେସନ କୃତିତ୍ୱର ସହିତ ପାସ୍ କରି କଲେଜରେ ନାମ ଲେଖାଇଲାଣି। ଭଲ ପାଠ ପଢୁଛି ବୋଲି ସିଦ୍ଧାର୍ଥ ତା'ର କୌଣସି କଥାରେ ଅଭାବ ରଖିନି। ସମସ୍ତେ ବିସ୍ମୟ ପ୍ରକାଶ କରୁଛନ୍ତି। ଗୁଣ୍ଡାର ପୁଅ ସାଧାରଣତଃ ଗୁଣ୍ଡା ହୁଅନ୍ତି। କିନ୍ତୁ ପିଲାଟା ପାଠକୁ ପିଇ ଯାଉଛି। ତା'ଛଡ଼ା ସ୍ୱଭାବ ବି ଅତ୍ୟନ୍ତ ଶାନ୍ତଶିଷ୍ଟ।

ଗୁଣ୍ଡାଗର୍ଦ୍ଦିକୁ ପ୍ରଫେସନ୍ କରି ସିଦ୍ଧାର୍ଥ ଗୋଟିଏ ଅଫିସ ଖୋଲିଛି। ଅଫିସରେ ଅନେକ କର୍ମଚାରୀ କାମ କରୁଛନ୍ତି। ଏଇ ପ୍ରଫେସନରେ ଅନେକ ଗୁଣ୍ଡା, ମାଫିଆ, ବଦମାସମାନେ ଯୋଡ଼ି ହୋଇଯାଉଛନ୍ତି। କାମର ତରିକା ବିଭିନ୍ନ ପ୍ରକାର। କେଉଁଠି ମୂଲ୍ୟବାନ ଜମି ଉଚ୍ଛେଦ କରିବାକୁ ପଡ଼ିବ, ବସ୍ତି ଉଚ୍ଛେଦ କରିବାକୁ ପଡ଼ିବ, କଣ୍ଟ୍ରାକ୍ଟରର କୋଟିକୋଟି ଟଙ୍କାର ବିଲ୍ ପାଶ୍ ହେଉନି, ଅଫିସରଙ୍କୁ ଧମକ ଦେବାକୁ ପଡ଼ିବ। କେଉଁଠି ନେତା, ମନ୍ତ୍ରୀ, ବିଧାୟକମାନଙ୍କ କାର୍ଯ୍ୟରେ ଅସୁବିଧା ସୃଷ୍ଟି ହେଉଛି, ସେ ଲୋକଙ୍କୁ ରାସ୍ତାରୁ ସବୁଦିନ ପାଇଁ ହଟାଇବାକୁ ପଡ଼ିବ। କେଉଁଠି ଶିଳ୍ପପତିଙ୍କ ଝିଅକୁ ଗରିବ ପିଲାଟିଏ ଭଲପାଉଛି, ଅନରକିଲିଂ ପାଇଁ ବି ସୁପାରି ନେବାକୁ ପଡ଼ିଥାଏ। ବଡ଼ବଡ଼ ବ୍ୟକ୍ତିଙ୍କ ସୁରକ୍ଷା ପାଇଁ ମଧ୍ୟ ଗୁଣ୍ଡାମାନଙ୍କର ଆବଶ୍ୟକତା ପଡ଼ିଥାଏ।

ଏ ସବୁ କାର୍ଯ୍ୟରେ ପୁଣି ଭିନ୍ନଭିନ୍ନ ରେଟ୍ ଅଛି। ଅଫିସରେ ରେଟ୍ ଚାର୍ଟ ଟଙ୍ଗାଯାଇଛି। ସୁପାରିକିଲିଂ ପାଇଁ ଏତିକି ଟଙ୍କା, ବମ୍ ପକେଇବା, ବସ୍ତି ଉଚ୍ଛେଦ, ବାଡ଼ିଆପିଟା, କିଡ୍‌ନାପିଂ, ସମସ୍ତ ପ୍ରକାର କାର୍ଯ୍ୟ ପାଇଁ ଭିନ୍ନଭିନ୍ନ ରେଟ୍ ଅଛି। ଯେକୌଣସି କାର୍ଯ୍ୟ ପାଇଁ ଅଗ୍ରିମ ପଞ୍ଚସ୍ତରି ଭାଗ ଟଙ୍କା ନିଆଯାଏ। ବାକି ଟଙ୍କା କାମ ହାସଲ ପରେ ପଇଠ କରାଯାଏ।

ପୋଲିସ ନାକ ତଳେ ସିଦ୍ଧାର୍ଥର ଅଫିସ ଚାଲିଛି। କାରଣ ବେଳେବେଳେ ପୋଲିସବାଲା ମଧ୍ୟ ସିଦ୍ଧାର୍ଥର ସାହାଯ୍ୟ ନେଇଥାଆନ୍ତି। ଏ ସହରକୁ ଯେଉଁ ପୋଲିସ ଅଫିସର ନୂଆ ହୋଇ ଆସନ୍ତି, ସିଦ୍ଧାର୍ଥ ତାଙ୍କୁ ଏ ସହରର କ୍ରାଇମ୍ ବିଷୟରେ ଆଗ ପାଠ ପଢ଼ାଏ। ତେଣୁ ପୋଲିସ ପ୍ରଶାସନ ସହିତ ସିଦ୍ଧାର୍ଥର ସମ୍ପର୍କ ଅତି ନିବିଡ଼।

ସିଦ୍ଧାର୍ଥଙ୍କୁ ଆଜିକାଲି ଛୋଟମୋଟ କାମରେ ମୁଣ୍ଡ ପୂରାଇବାକୁ ପଡ଼େ ନାହିଁ। ସେ ସବୁ କାମ ଷ୍ଟାଫ୍‌ମାନେ ବୁଝନ୍ତି। ବଡ଼ବଡ଼ କ୍ରିଟିକାଲ କାମ ସିଦ୍ଧାର୍ଥ ହେଣ୍ଡଲ କରେ। ତେଣୁ ମନ୍ତ୍ରୀ, ବିଧାୟକ, ବଡ଼ବଡ଼ ନେତା, ଅଫିସର, ଶିଳ୍ପପତି, ବ୍ୟବସାୟୀମାନେ ସିଧାସଳଖ ସିଦ୍ଧାର୍ଥ ସହିତ ଯୋଗାଯୋଗରେ ଥାଆନ୍ତି। ସେମାନଙ୍କର କାମ ପଡ଼ିଲେ ସିଦ୍ଧାର୍ଥ ନିଜେ ହେଣ୍ଡଲ କରେ। କେଉଁଠି କୋଟିକୋଟି ଟଙ୍କାର ଟେଣ୍ଡର ପାଇବାକୁ ହେବ, କେଉଁ ଅଫିସର ଘିଅ ମହୁ ସ୍ଥାନକୁ ଟ୍ରାନ୍ସଫର ହେବ। କେଉଁ ନେତା ମନ୍ତ୍ରୀମାନଙ୍କୁ ଆଗାମୀ ନିର୍ବାଚନରେ କିଏ ବାଧା ସୃଷ୍ଟି କରୁଛି ତାକୁ ରାସ୍ତାରୁ ହଟାଇବାକୁ ହେବ। ଏମିତି ସବୁ ବଡ଼ବଡ଼ ଶାସକ ଦଳର, ବିରୋଧୀ ଦଳର ବି କରିବାକୁ ପଡ଼େ।

ଏ ସବୁ କାମରେ ପ୍ରିୟାପ୍ରୀତି, ବାଛବିଚାର ନ ଥାଏ।

ଟଙ୍କା ଫୋପାଡ଼, କାମ ନିଅ।

ଦୀର୍ଘଦିନ ହେଲା ଷ୍ଟୁଡେଣ୍ଟ୍ ଷ୍ଟ୍ରାଇକ ଚାଲିଛି। ବନ୍ଦ ହେବାର ନାଁ ଧରୁନାହିଁ। ଶାସକ ଦଳକୁ ଅଡୁଆରେ ପକାଇବା ପାଇଁ ବିରୋଧୀ ଦଳର ନେତାମାନେ ଉତ୍ସୁକାଉଛନ୍ତି। ବିଭିନ୍ନ ସ୍କୁଲ କଲେଜକୁ ଏ ନିଆଁ ଧୀରେଧୀରେ ବ୍ୟାପିବାରେ ଲାଗିଛି। ଆଗକୁ ବିଧାନସଭା। ବିରୋଧୀ ଦଳର ନେତାମାନେ ସୁଯୋଗ ଉଣ୍ଡି ବସିଛନ୍ତି। ଏଇ ଷ୍ଟୁଡେଣ୍ଟ୍ ଷ୍ଟ୍ରାଇକ୍‌କୁ ଆଳକରି ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ଯୋଜନାରେ ଅଛନ୍ତି। ମିଳିତ ମନ୍ତ୍ରିମଣ୍ଡଳ। ଅବସ୍ଥା ଏମିତି ହେବ, ଶେଷରେ ସରକାର ଭାଙ୍ଗିଯାଇପାରେ। ପରିସ୍ଥିତି ବଡ଼ ସଙ୍ଗିନ୍। ଏ ଷ୍ଟୁଡେଣ୍ଟ୍ ଷ୍ଟ୍ରାଇକ୍ କ୍ରମେକ୍ରମେ ସମଗ୍ର ଓଡ଼ିଶାରେ ବ୍ୟାପିବାରେ ଲାଗିଛି। ବିରୋଧୀ ଦଳବାଲା ବାହାର ରାଜ୍ୟରୁ ଛାତ୍ର ସଂଗଠନଗୁଡ଼ିକରୁ ବଡ଼ବଡ଼ ନେତା, ଛାତ୍ର ସଂଗଠନକୁ ସାମିଲ କରି ଛାତ୍ର ଆନ୍ଦୋଳନକୁ ଜୋରଦାର କରିବାକୁ ପ୍ରାଣମୂର୍ଚ୍ଛା ଲାଗି ପଡ଼ିଛନ୍ତି।

ଅଡୁଆରେ ପଡ଼ିଛି ସରକାର। ମୁଖ୍ୟମନ୍ତ୍ରୀ ବାରମ୍ବାର ଶିକ୍ଷାମନ୍ତ୍ରୀଙ୍କ ଉପରେ ଦୋଷାରୋପ କରି ଧମକ ଦେଇଛନ୍ତି ଏ ପରିସ୍ଥିତିକୁ ସମ୍ଭାଳ, ନଚେତ ତମକୁ ମନ୍ତ୍ରିମଣ୍ଡଳରୁ ବରଖାସ୍ତ କରି ଅବସ୍ଥାକୁ ସମ୍ଭାଳିବାକୁ ପଡ଼ିବ।

ଶିକ୍ଷାମନ୍ତ୍ରୀ ବିଚିତ୍ରାନନ୍ଦ ବାବୁ ବଡ଼ ଅଡୁଆରେ ପଡ଼ିଛନ୍ତି। ଯେତେ ପ୍ରକାର ବୁଦ୍ଧି, କଳକୌଶଳ ପ୍ରୟୋଗ କଲା ପରେ ମଧ୍ୟ ଆନ୍ଦୋଳନ ଥମିବାର ନାଁ ଗନ୍ଧ ଧରୁନାହିଁ। ଛାତ୍ରନେତାମାନଙ୍କ ସହିତ ଥରକୁଥର ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରି ପୂରଣ କଲେ ମଧ୍ୟ ନେତାମାନେ ପୁଣି ନୂଆନୂଆ ଦାବି ଉପସ୍ଥାପନ କରୁଛନ୍ତି। ପରିସ୍ଥିତି କ୍ରମେ ଅଣାୟତ୍ତ ହେବାରେ ଲାଗିଛି। ଶିକ୍ଷାମନ୍ତ୍ରୀଙ୍କର ସମସ୍ତ ପ୍ରୟାସ ବ୍ୟର୍ଥ ହେବାରେ ଲାଗିଛି।

ବିଚିତ୍ରାନନ୍ଦ ବାବୁଙ୍କୁ କିଛି ବୁଦ୍ଧି ବାଟ ଦିଶୁ ନ ଥିଲା। ମନ୍ତ୍ରୀ ପଦ ଗଲା ବୋଲି ନିଶ୍ଚିତ ହୋଇ ଯାଇଥିଲେ। ମୁଖ୍ୟମନ୍ତ୍ରୀ ଚତୁରତାର ସହିତ ଶିକ୍ଷାମନ୍ତ୍ରୀଙ୍କୁ ବଳି ପକାଇ ସମସ୍ୟାଟିକୁ ଏଡ଼ାଇ ଯିବାକୁ ବସିଛନ୍ତି। ତେଣୁ ତାଙ୍କ ମୁଣ୍ଡ ଗଡ଼ିବା ଥୟ। ରାଜ୍ୟରେ ଜଳୁଥିବା ନିଆଁଟା କ୍ରମେ ରାଜ୍ୟ ବାହାରକୁ ବ୍ୟାପିବାରେ ଲାଗିଲାଣି। କେନ୍ଦ୍ର ସରକାର ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖି ରାଜ୍ୟ ସରକାର ଉପରେ ଚାପ ପ୍ରୟୋଗ କରିଛନ୍ତି। ଯେତେ ଶୀଘ୍ର ପାର ଏ ନିଆଁକୁ ଲିଭାଅ। ଏହା ମଧ୍ୟରେ ଛାତ୍ର ଆନ୍ଦୋଳନକୁ କାବୁ କରିବା ପାଇଁ କେନ୍ଦ୍ର ସରକାର କୋଡ଼ିଏ ପ୍ଲାଟୁନ୍ ଅର୍ଦ୍ଧ ସାମରିକ ବାହିନୀ ପଠାଇଛନ୍ତି।

ବିଧାନସଭା ଚାଲିଛି।

ଛାତ୍ର ଆନ୍ଦୋଳନ ପାଇଁ ବିଧାନସଭା ଉଠୁଛି ପଡୁଛି। ଦିନକୁଦିନ ଛାତ୍ର ଆନ୍ଦୋଳନ ହିଂସାତ୍ମକ ରୂପ ନେଉଛି।

ସରକାର ଟଳମଳ। କେଉଁ ମୁହୂର୍ତ୍ତରେ ମନ୍ତ୍ରିମଣ୍ଡଳ ଭାଙ୍ଗିଯାଇପାରେ। ଧୀରେଧୀରେ ପରିସ୍ଥିତି ଅଣାୟତ୍ତ ହେବାରେ ଲାଗିଛି। ଯୁଦ୍ଧକାଳୀନଭିତ୍ତିରେ ସବୁ ସ୍କୁଲ, କଲେଜ, ବନ୍ଦ କରି ଦିଆଯାଇଛି।

(ପୃଷ୍ଠା–୬ ଦେଖନ୍ତୁ)

# ଶେଷ ସୂର୍ଯ୍ୟର ବହ୍ନି

ସ୍ମରଣୀୟ



ରାମଚନ୍ଦ୍ର ବେହେରା

**ବିକାଶ ବାବୁ ଜଣେ ଅତ୍ୟାଧୁନିକ ମଣିଷ। ମନ୍ଦିର କ୍ୱଚିତ୍ ଯାଆନ୍ତି। ଗୀତା କ୍ୱଚିତ୍ ପଢ଼ନ୍ତି। ମାତ୍ର ନିଜ ଶୋଇବା ଘରେ ଥିବା ଅବିନାଶ ବାବୁଙ୍କର ବଡ଼ ଫଟୋ ଆଗରେ ପ୍ରଣତି ଜଣାଇବାକୁ କେବେହେଲେ ଭୁଲନ୍ତି ନାହିଁ।**

ଯେଉଁଦିନ ଅବିନାଶ ବାବୁଙ୍କୁ ଅବସର ଗ୍ରହଣ ପାଇଁ ଆଦେଶ ଦିଆଗଲା, ସେଦିନ ସେକ୍ରେଟାରିଏଟ୍‌ର ବାୟୁମଣ୍ଡଳଟା ତାଙ୍କ ଉତ୍ତପ୍ତ ଓ ହାହାକାରମୟ ଦୀର୍ଘଶ୍ୱାସରେ କେତେ ପରିମାଣରେ ଭାରାକ୍ରାନ୍ତ ଓ କରୁଣ ହୋଇ ଯାଇଥିଲା, ତାହା ବର୍ଣ୍ଣନା କରିବା କଷ୍ଟକର। ସେହି ବିଷାଦମୟ ଦିନଟି ତାଙ୍କ ପାଇଁ ଆଦୌ ଅପ୍ରତ୍ୟାଶିତ ନ ଥିଲା ; ମାତ୍ର ତାଙ୍କର ମାନସିକ ପ୍ରତିକ୍ରିୟାର ଶାଣିତ ତରବାରିଟା ତାଙ୍କ ଶାରୀରିକ କ୍ଷମତା ଓ ଚାକିରି ପ୍ରତି ରହିଥିବା ମମତାକୁ ଖୁବ୍ କଦର୍ଯ୍ୟ ଏବଂ ନିଷ୍ଠୁର ଭାବେ ତାଙ୍କୁ ବୃଦ୍ଧ, ଅକ୍ଷମ ସୁତରାଂ ବର୍ଜନୀୟ ବୋଲି ମନେ କରି କୋଳାହଳମୟ ପ୍ରେମ ରାଜ୍ୟର କେଉଁ କୋଣରେ ହଜିଯାଇଛି।

ଅତଏବ ସେ ଜଣେ ପରିତ୍ୟକ୍ତ ମଣିଷ।

ଏତିକିରେ ତାଙ୍କର ଦୁଃଖ ସୀମାବଦ୍ଧ ନ ଥିଲା। ତାଙ୍କର ପ୍ରକୃତ ବୟସ ଷାଠିଏ ପାଖାପାଖି ହେଲେ ମଧ ସେ ଯଥେଷ୍ଟ କାର୍ଯ୍ୟକ୍ଷମ ଥିଲେ। ସେ ନକଲି ଦାନ୍ତର ଆଶ୍ରୟ ନେଇ ନ ଥିଲେ। ଅବଶ୍ୟ ତାଙ୍କ ମୁଣ୍ଡରେ ଆଦୌ କେଶ ନଥିଲା ; ମାତ୍ର ମୁଣ୍ଡର କେଶହୀନତା ପ୍ରକୃତରେ ଶାରୀରିକ ଅକ୍ଷମତା ଓ ଅଫିସ କାମରେ ଅପାରଙ୍ଗମତାର ମାପକାଠି ହୋଇ ନ ପାରେ। ସତ କହିବାକୁ ଗଲେ ଅବିନାଶ ବାବୁଙ୍କର ଏ ସମ୍ପର୍କରେ ଯଥେଷ୍ଟ ଅହଙ୍କାର ଥିଲା। ମାତ୍ର ଅବସର ଗ୍ରହଣ ପାଇଁ ଆଦେଶପତ୍ରଟା ତାଙ୍କର ଏହି ଅହଙ୍କାରର ବୁଦ୍‌ବୁଦ୍‌କୁ ଫୁଟାଇ ଦେବା ସଙ୍ଗେସଙ୍ଗେ ସରକାରଙ୍କ ତରଫରୁ ତାଙ୍କୁ ବୃଦ୍ଧ, ଅକ୍ଷମ ଓ ନିର୍ବଳ ବୋଲି ଘୋଷଣା କରି ଦିଆଗଲା। ଏକଥା ଚିନ୍ତା କରି ଅବିନାଶ ବାବୁ ନିଃସହାୟ ଭାବେ ଭାଙ୍ଗି ପଡ଼ିଲେ।

ସେଦିନ ସେକ୍ରେଟାରିଏଟ୍‌ରୁ ବାହାରି ଦଗ୍ଧୀଭୂତ ମନ ଓ ଭାରାକ୍ରାନ୍ତ ଚିନ୍ତାଧାରାର ଆର୍ତ୍ତନାଦ ଶୁଣିଶୁଣି ସେ କ୍ୱାର୍ଟର୍ସକୁ ଫେରି ଆସିଲେ।

କ୍ୱାର୍ଟର୍ସରେ ସବୁଦିନ ଭଳି ନୀରବତା ଓ ଶୃଙ୍ଖଳା ନେସି ହୋଇ ରହିଥିଲା। ସେଇଟା ସତେଯେପରି ସବୁଦିନ ପାଇଁ ଆଶ୍ରୟ ଦେବାକୁ ଉଦ୍‌ବିଗ୍ନତାର ସହିତ ତାଙ୍କର ଫେରିବା ବାଟକୁ ଚାହିଁ ବସିଛି। ତାଙ୍କ ପାଇଁ ସେକ୍ରେଟାରିଏଟ୍‌ର ସବୁଦିନ ନିମନ୍ତେ ରୁଦ୍ଧଦ୍ୱାର ଓ କ୍ୱାର୍ଟର୍ସଟିର ତାଙ୍କ ପାଇଁ ଉତ୍କଣ୍ଠିତ ପ୍ରତୀକ୍ଷା!! ଅବିନାଶ ବାବୁ ନିଜ ଭିତରୁ ଏକ କରୁଣ ମୂର୍ଚ୍ଛନାର ଧ୍ୱନି ଶୁଣିବାକୁ ପାଉଥିଲେ। କ୍ୱାର୍ଟର୍ସର ଗୋଟିଏ ଖମ୍ବକୁ ଆଉଜି, ତାହାରି ଉପରେ ସେ ନିଜର ଦୁଇହାତ ପାପୁଲି ଜୋରରେ ଘଷିବାକୁ ଲାଗିଲେ ଏବଂ ତାଙ୍କ ପ୍ରତି କ୍ୱାର୍ଟର୍ସର ରହିଥିବା ଅବ୍ୟକ୍ତ ମମତା ଓ ସ୍ନେହ ଅନୁଭବ କରିବାକୁ ଚେଷ୍ଟା କଲେ। ଡ୍ରଇଂରୁମ୍ ଭିତରେ ଥିବା ସୋଫାସେଟ୍, ଟେବୁଲ, ପ୍ଲାଷ୍ଟିକ୍ ଫୁଲରେ ସଜ୍ଜିତ ଫୁଲଦାନି ଓ ଅନ୍ୟାନ୍ୟ ଆସବାବପତ୍ର ଆଗଭଳି ପରିଷ୍କାର ଚଟାଣ ଉପରେ ଓ କୋଳାହଳଶୂନ୍ୟ, ଶାନ୍ତ ବାୟୁମଣ୍ଡଳ ଭିତରେ ବୁଡ଼ି ରହିଛନ୍ତି। ବଡ଼ ଝରକାରେ ଲଗାଯାଇଥିବା ପର୍ଦ୍ଦାଗୁଡ଼ାକୁ ବାହାରର ପବନ ପୂର୍ବପରି ହସ କୁତୁକୁତୁ କରୁନାହିଁ। ସମସ୍ତେ ତାଙ୍କୁ ଥକା ହେଇ ଚାହିଁ ରହିଛନ୍ତି ଓ ନିଜ ନିଜର ଭବିଷ୍ୟତ ସମ୍ପର୍କରେ ଅବିନାଶ ବାବୁଙ୍କର ନିଷ୍ପତ୍ତି ଶୁଣିବାକୁ ବ୍ୟାକୁଳ ହୋଇ ପଡ଼ିଛନ୍ତି। ସେ ଆହୁରି ଦୁର୍ବଳ ହୋଇ ପଡ଼ିଲେ। ତାଙ୍କୁ ଜଣାଗଲା ତାଙ୍କର ଛାତି ପକେଟରେ ରହିଥିବା ଅବସର ଗ୍ରହଣ ପାଇଁ ଆଦେଶନାମାଟା ସତେ ଯେମିତି ଏକ ବିରାଟ ବୋଝ ହୋଇ ତାଙ୍କୁ ବ୍ୟତିବ୍ୟସ୍ତ ଓ କ୍ଳାନ୍ତ କରି ପକାଉଛି। ସେ ତାକୁ ଟେବୁଲ ଉପରେ ଥୋଇଲେ। ମାତ୍ର ସେହି କାଗଜର କଳାକଳା ଦାନ୍ତଗୁଡ଼ିକ ତାଙ୍କୁ ଯେଭଳି ଭାବରେ ବିଦ୍ରୂପ କରିବାକୁ ଲାଗିଲେ, ତାହା ତାଙ୍କୁ କିଂକର୍ତ୍ତବ୍ୟବିମୂଢ଼ କରି ପକାଇଲା କିଛି ସମୟ ପାଇଁ। ତା'ପରେ ସେହି କାଗଜଖଣ୍ଡିକ ଟେବୁଲ ଡ୍ରୟାର ଭିତରେ ଥିବା ଆହୁରି ଅନେକ କାଗଜର ପୋଖରୀ ଭିତରେ କେଉଁ ଆଡ଼େ ଲୁଚିଗଲା।

ଏଥର ସେ ଯଥେଷ୍ଟ ଆରାମ ବୋଧକଲେ। ଅବସର ଗ୍ରହଣ ପାଇଁ ଆଦେଶପତ୍ର ପାଇ ସେ ଯେ ଆଦୌ ବିବ୍ରତ ନୁହନ୍ତି, ତାହା ପ୍ରକାଶ କରିବା ପାଇଁ ସେ ଉପାୟ ଉଦ୍ଭାବନରେ ଲାଗିପଡ଼ିଲେ। ସରକାରୀ ଭାବେ ତାଙ୍କୁ ବୃଦ୍ଧ ଓ ଅକ୍ଷମ ବୋଲି ଘୋଷଣା କରାଯିବା ସତ୍ତ୍ୱେ ସେ ଯେ ତାହା ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି, ତାହା ମଧ ଡ୍ରଇଂରୁମ୍‌ର ସାମଗ୍ରୀଗୁଡ଼ିକୁ ଜଣାଇ ଦେବା ପାଇଁ ଅସ୍ଥିର ହେଇପଡ଼ିଲେ।

ତା'ପରେ ଡ୍ରଇଂରୁମ୍‌ର କବାଟ ବନ୍ଦ ହେଲା।

ନିର୍ଜନ କୋଠରି ଭିତରେ ଏକରକମ ଦୌଡ଼ାଦୌଡ଼ି କରି ସେ ହିନ୍ଦୀଫିଲ୍ମର ଗୀତ ଗାଇବାକୁ ଲାଗିଲେ। ସମୁଦ୍ରକୂଳସ୍ଥ ବାଲି ଉପରେ ପଡ଼ିଥିବା ଅସଂଖ୍ୟ ପାଦଚିହ୍ନ ଭଳି ତାଙ୍କ ଗୀତ ଅନେକ ଗୀତର ଏକ ଅର୍ଥହୀନ ସମାବେଶ ହେଲେ ମଧ ସେ ଗୀତର ଧ୍ୱନିରେ ଚପଳତା ଓ ହୃଦୟର ଉଚ୍ଛ୍ୱାସ ଯେ ଭରି ରହିଥିଲା, ତାହା ଅସ୍ୱୀକାର କରିହେବନି। ଏହିପରି କିଛି ସମୟ ଚାଲିବା ପରେ ଅବିନାଶ ବାବୁ କ୍ଳାନ୍ତ ଓ ବିରକ୍ତ ବୋଧକଲେ। ଅଗତ୍ୟା ନିଜର ଅନିଚ୍ଛା ସତ୍ତ୍ୱେ ତାଙ୍କୁ ସେଥିରୁ ନିବୃତ୍ତ ହେବାକୁ ପଡ଼ିଲା।

ଏତେଶୀଘ୍ର କ୍ଳାନ୍ତ ହୋଇଯିବା କଥାଟା ଚିନ୍ତା କରି ସେ ଯଥେଷ୍ଟ ବିବ୍ରତ ହୋଇପଡ଼ିଲେ। ନିଜର ଶାରୀରିକ ଶକ୍ତି ସମ୍ବନ୍ଧରେ ତାଙ୍କର ଦୃଢ଼ ବିଶ୍ୱାସକୁ ସନ୍ଦେହର ନିର୍ମମ ଅଟ୍ଟହାସ୍ୟ ଭୟଭୀତ କରି ପକାଇଲା। ସେ କୋଟ୍, ଟାଇ ପ୍ରଭୃତି ଖୋଲି ହାତରେ ମାଂସପେଶୀଗୁଡ଼ାକୁ ପରୀକ୍ଷା କରିବାକୁ ଲାଗିଲେ। ତା'ପରେ ଝରକା ରେଲିଂଗୁଡ଼ାକୁ ହଲାଇବାକୁ ଚେଷ୍ଟା କଲେ। ମାତ୍ର ରେଲିଂଗୁଡ଼ାକର ଦୃଢ଼ତା ତାଙ୍କର ସମସ୍ତ ଚେଷ୍ଟାକୁ ବେଖାତିର କରି ପୂର୍ବଭଳି ରହିଲେ ଅବିଚଳିତ ହୋଇ। ଏଥର ସୋଫାସେଟ୍‌ର ଓଜନ ମାପିବାକୁ ଆଗେଇ ଆସିଲେ ସେ। ତହିଁରେ ସେ କୃତକାର୍ଯ୍ୟ ହେଲେ। ତା'ପରେ ଟେବୁଲ, ଟି–ପୟ ଇତ୍ୟାଦି। ଏତେ ବଡ଼ ଟେବୁଲଟିକୁ ତଳୁ ଉଠାଇବାର ସୁବିଧା ନ ଥିଲା, କିନ୍ତୁ ସେ ତା'ର ସ୍ଥାନ ପରିବର୍ତ୍ତନ କରିବାକୁ ସକ୍ଷମ ହେଲେ। ଟି–ପୟ ତ ଗୋଟାଏ ହାତରେ ତଳୁ ଉଠି ଆସିଲା, ସେ ପୁଣି ବାମ ହାତ। ଅବିନାଶ ବାବୁ ଖୁବ୍ ଉଲ୍ଲସିତ ଓ ଉତ୍ସାହିତ ହୋଇପଡ଼ିଲେ। ନିଜ ଅଜାଣତରେ ତାଙ୍କ ପାଟିରୁ ଆନନ୍ଦ ଓ ବିଜୟର ଚିତ୍କାର ବାହାରି ଆସିଲା।

ରୁମ୍ କବାଟ ଖୋଲି ସେ ବାହାରକୁ ଆସିଲେ।

ଗୋଧୂଳିର ମ୍ଳାନ ଆଲୋକରେ ଅବିନାଶ ବାବୁ ଦେଖିଲେ ଚାକର ପିଲାଟି ବଗିଚା କାମରେ ବ୍ୟସ୍ତ ଅଛି। ତାଙ୍କ କ୍ୱାର୍ଟର୍ସ ଚାରିପାଖରେ ଘେରି ରହିଥିବା କମ୍ପାଉଣ୍ଡ ୱାଲ ଭିତରେ ସବୁଜିମା ଲହଡ଼ି ଭାଙ୍ଗେ। ନିଜର ରୁଚି ଅନୁସାରେ ବଗିଚାଟିକୁ ଗଢ଼ି ପାରିଛନ୍ତି ବୋଲି ଅବିନାଶ ବାବୁ ଅନେକ ସମୟରେ ଗର୍ବ ଅନୁଭବ କରନ୍ତି। ରିଟାୟାର୍ଡ ପରେ ତ ଏ ଘର ଛାଡ଼ିବାକୁ ହେବ, ତେବେ ପିଲାଟି ବଗିଚାରେ କାମ କରୁଛି କାହିଁକି ? ସେ ଭାବିଲେ ପିଲାଟିକୁ ଏଥିରୁ ନିବୃତ୍ତ ହେବାକୁ କହିବେ। ମାତ୍ର କାହିଁକି କେଜାଣି, ସେ ତାହା କରିପାରିଲେ ନାହିଁ। ପିଲାଟି ତା'ହେଲେ ପୂର୍ବ ପରି କାମକରୁ। କାରଣ ତାଙ୍କର ଦୃଢ଼ ଧାରଣା ଅଛି ଯେ, ମଣିଷର ପରିଶ୍ରମ ଓ କର୍ତ୍ତବ୍ୟନିଷ୍ଠା ହିଁ ପୃଥିବୀ–ଘଡ଼ିର ଏକମାତ୍ର ସ୍ପ୍ରିଙ୍ଗ୍। ଏହି ସ୍ପ୍ରିଙ୍ଗ୍ ପୃଥିବୀକୁ ଜୀବନ ଦେଇଛି, ଗତିଶୀଳତା ଦେଇଛି, ରୂପ ଦେଇଛି। ତେଣୁ ପିଲାଟିର କାମରେ ବାଧା ଦେଇ କିଛି ଲାଭ ନାହିଁ। ମଣିଷ ଜୀବନର ସାର୍ଥକତା ସାର୍ଥକ କାର୍ଯ୍ୟ ସମ୍ପାଦନରେ ନିହିତ ବୋଲି ତାଙ୍କର ବିଶ୍ୱାସ ରହିଛି।

ଅବିନାଶ ବାବୁ ଶୋଇବା କୋଠରିକୁ ଚାଲି ଆସିଲେ। ଜୋତା ଓ ପେଣ୍ଟ୍ ଖୋଲି ପକାଇଲେ। ତା'ପରେ ଲନ୍–ଟେନିସ୍ ଖେଳିବା ପାଇଁ ଉଦ୍ଦିଷ୍ଟ ହାଫ୍‌ପେଣ୍ଟ୍ (ଏ ବୟସରେ ମଧ ସେ କେବେ କିପରି ଲନ୍–ଟେନିସ୍ ଖେଳନ୍ତି) ପିନ୍ଧିଲେ। କାମ କରୁଥିବା ଚାକର ପିଲା ପାଖରେ ପହଞ୍ଚି ତାକୁ ବିଶ୍ରାମ ନେବା ପାଇଁ ନିର୍ଦ୍ଦେଶ ଦେଲେ। ତା' ହାତରୁ କୋଦାଳଟି ନେଇ ମାଟି ଖୋଳିବାରେ ଲାଗିପଡ଼ିଲେ ନିଷ୍ଠାର ସହିତ ; ସତେଯେପରି ଏହି ମାଟିଖୋଳାରେ ହିଁ ତାଙ୍କର ଭବିଷ୍ୟତ ଓ ଶରୀରର ସାର୍ଥକତା ନିହିତ ଅଛି। ସେ ଏଭଳି କାମ ଆଗରୁ କରି ନ ଥିଲେ। ଚାକରର ବିସ୍ମୟ ବିସ୍ଫାରିତ ମୁହଁ ଆଡ଼େ ନ ଚାହିଁ ସେ କାମ କରି ଚାଲିଲେ। ଅଳ୍ପ ସମୟ ପରେ ଅନ୍ଧକାର ମାଡ଼ିଆସିଲା। ହାତ ପାପୁଲିରେ ମୁହଁର ଝାଳ ପୋଛୁପୋଛୁ ଅନ୍ଧକାର ଓ ମାଟିଖୋଳା, ଶରୀର ଓ ଆତ୍ମା ସମ୍ବନ୍ଧରେ କିଛି ଭାବିବାକୁ ଚେଷ୍ଟା କଲେ।

ଅବସର ନେବାର ପ୍ରାୟ ଦୁଇ ମାସ ପରେ ଅବିନାଶ ବାବୁଙ୍କର ସ୍ୱାସ୍ଥ୍ୟହାନି ଘଟିଲା। ସରକାରୀ ଘର ଛାଡ଼ିଦେଇ ସେ ମଫସଲ ଗ୍ରାମକୁ ଚାଲି ଯାଇଥିଲେ ଏବଂ ନିଜ ଫାର୍ମର ଦେଖାଶୁଣା କରୁଥିଲେ। ସେ ଭାବିଥିଲେ ଯେ, ଚାଷ କାର୍ଯ୍ୟରେ ବ୍ୟସ୍ତ ରହିଲେ ତାଙ୍କର ଦିନଗୁଡ଼ିକ ବେଶ୍ ଶୀଘ୍ର କଟିଯିବ। ମାତ୍ର ବିପରୀତ କଥାଟି ସତ ହେଲା। ସମୟର ପ୍ରାଚୁର୍ଯ୍ୟ ଭିତରେ ସେ ଅଣନିଃଶ୍ୱାସୀ ହୋଇପଡ଼ିଲେ। ତା'ଛଡ଼ା ମଫସଲର ଜଳବାୟୁ ବୋଧହୁଏ ତାଙ୍କ ପାଇଁ ଅନୁକୂଳ ନ ଥିଲା। ତେଣୁ ପ୍ରଥମେ ସର୍ଦ୍ଦି, କାଶ ଓ ଜ୍ୱର ପରେ ତାଙ୍କର ଦୃଷ୍ଟିଶକ୍ତି କ୍ଷୀଣ ହେବାକୁ ଲାଗିଲା। ସେ ଖୁବ୍ ବ୍ୟସ୍ତ ହୋଇ ନିଜର ଏକମାତ୍ର ପୁଅ ପାଖରେ ପହଞ୍ଚିଗଲେ।

ବିକାଶ ବାବୁ ଲାଇଫ୍ ଇନ୍‌ସ୍ୟୁରାନ୍ସ କର୍ପୋରେସନ୍‌ର ଜଣେ ଉଚ୍ଚପଦସ୍ଥ କର୍ମଚାରୀ। ଅବିନାଶ ବାବୁଙ୍କର ସେ ଏକମାତ୍ର ସନ୍ତାନ। ଅବିନାଶ ବାବୁଙ୍କର ମନ–ଦର୍ପଣରେ ନିଜ ସ୍ତ୍ରୀଙ୍କ ଛବି ଆଉ ପ୍ରତିଫଳିତ ହେଉନାହିଁ। ଯେଉଁ ନର୍ସିଂହୋମ୍‌ରେ ବିକାଶ ବାବୁ ଜନ୍ମଗ୍ରହଣ କଲେ, ସେଇଠାରେ ତାଙ୍କ ସ୍ତ୍ରୀଙ୍କର କାଳ ହେଲା, ସତେ ଯେପରି ସ୍ତ୍ରୀଙ୍କର ଆତ୍ମା ପ୍ରବେଶ କଲା ପୁତ୍ରର କୋମଳ ଶରୀରରେ। ଅବିନାଶ ବାବୁ ଆଉ ବିବାହ କଲେ ନାହିଁ। ବିକାଶ ବାବୁଙ୍କର ସେ ମାଆ ହେଲେ, ବାପା ହେଲେ। ବିକାଶ ବାବୁ ଜଣେ ଅତ୍ୟାଧୁନିକ ମଣିଷ। ମନ୍ଦିର କ୍ୱଚିତ୍ ଯାଆନ୍ତି। ଗୀତା କ୍ୱଚିତ୍ ପଢ଼ନ୍ତି। ମାତ୍ର ନିଜ ଶୋଇବା ଘରେ ଥିବା ଅବିନାଶ ବାବୁଙ୍କର ବଡ଼ ଫଟୋ ଆଗରେ ପ୍ରଣତି ଜଣାଇବାକୁ କେବେହେଲେ ଭୁଲନ୍ତି ନାହିଁ।

କନ୍‌ଭେଣ୍ଟରେ ଟେନ୍‌ଥ ଷ୍ଟାଣ୍ଡାର୍ଡରେ ପଢୁଥିବା ତାଙ୍କ ନାତି ମଣ୍ଟୁର ଶୋଇବା ଘରେ ଅବିନାଶ ବାବୁଙ୍କର ରହିବା ବନ୍ଦୋବସ୍ତ ହେଲା। ମଣ୍ଟୁ ମେଧାବୀ, କ୍ଷିପ୍ର, ଚପଳ, ଭଦ୍ର ଓ ବୟସ ଅନୁପାତରେ ଆଶାତୀତ ଭାବେ ପ୍ରଗତିଶୀଳ। ତେଣୁ ମଣ୍ଟୁ ଥିବାବେଳେ ସେ ତା' ସହିତ ବେଶ୍ ଆଳାପ ଆଲୋଚନାରେ ବ୍ୟସ୍ତ ରହନ୍ତି। ଦିନ ୧୦ଟା ବେଳକୁ ଘରଟା ଖାଁଖାଁ ଡାକେ। ବିକାଶ ବାବୁ ଅଫିସ୍ ଯାଆନ୍ତି, ମଣ୍ଟୁ ସ୍କୁଲକୁ ଚାଲିଯାଏ। ମିସେସ୍ ଦାସ ତ ଭାରି ଲଜ୍ଜାଶୀଳା। ସେ ତିନିବର୍ଷର ଝିଅ ଡଲିକୁ ନେଇ ଏତେ ବଡ଼ ଘରେ ପଡ଼ିରହନ୍ତି।

ଘରୋଇ ଚିକିତ୍ସା ଆରମ୍ଭ ହେଲା ଅବିନାଶ ବାବୁଙ୍କ ଆଖି ପାଇଁ। ଆଖି ବିଶେଷଜ୍ଞ ସଭିଙ୍କର ଆଶଙ୍କା ଓ ଭୟକୁ ହସରେ ଉଡ଼ାଇ ଦେଇ ମତ ଦେଲେ ଯେ ଶରୀରର ଅନ୍ୟ କେତେକ କାରଣ ଯୋଗୁଁ ତଥା ଖାଦ୍ୟପ୍ରାଣର ଅଭାବ ହେତୁ ଅବସ୍ଥା ଏପରି ହୋଇଛି। ବିଶ୍ରାମ, ଔଷଧସେବନ ଓ କିଛିଦିନ ପାଇଁ ପଢ଼ାପଢ଼ି ସ୍ଥଗିତ ରଖିଲେ ଅବସ୍ଥାରେ ଉନ୍ନତି ଘଟିବ। ସୁତରାଂ ଅବିନାଶ ବାବୁଙ୍କୁ ଏକ ଅନିର୍ଦ୍ଦିଷ୍ଟକାଳ ପାଇଁ ସେଠାରେ ରହିବାକୁ ପଡ଼ିବ।

ବିରକ୍ତି ଓ ମନୋଟନି। ଅଳ୍ପଦିନ ପରେ ଅବିନାଶ ବାବୁ ବ୍ୟସ୍ତ ହୋଇପଡ଼ିଲେ। ଏତେ ବଡ଼ ସହରର କୋଳାହଳ ଭିତରେ ଥାଇ ସେ ଯେଭଳି ଭାବରେ ନୀରବତା ଓ କାର୍ଯ୍ୟହୀନତାର ଭୂମିକା ଗ୍ରହଣ କଲେ, ତାହା ତାଙ୍କୁ କ୍ରମଶଃ ଜୀବନ ସମ୍ବନ୍ଧରେ ଆଶା ଓ ନିରାଶାର ଦ୍ୱନ୍ଦ୍ୱ ଆଣିଦେଲା।

ସେ' ଦିନ –

ସମୟ ପ୍ରାୟ ଦିନ ବାରଟା। ସେ ଝରକାପାଖ ଚୌକିରେ ବସିଥିଲେ ଓ ନିହାତି ଏକ ଉଦ୍ଦେଶ୍ୟହୀନ ଦୃଷ୍ଟିରେ ରାସ୍ତାର ମଞ୍ଚ ଉପରେ ଚାଲିଥିବା କାର୍ଯ୍ୟବ୍ୟସ୍ତତାର ନାଟକ ଦେଖୁଥିଲେ। ରାସ୍ତାର ଅନ୍ୟପାର୍ଶ୍ୱରେ ଥିବା ସୌଖୀନ୍ ଘରଗୁଡ଼ିକ ଅନୁଚ୍ଚ କମ୍ପାଉଣ୍ଡ୍ ୱାଲର ଘେର ଭିତରେ ରହି ତନ୍ମଧ୍ୟସ୍ଥ ବଗିଚାର ସବୁଜିମା ଉପଭୋଗ କରୁଛନ୍ତି ଓ ଫୁଲର ମହକ ମାଖି ହେଉଛନ୍ତି। ବିକାଶ ବାବୁଙ୍କ କ୍ୱାର୍ଟର୍ସଠାରୁ ସାମ୍ନା ଘରଟିର ବ୍ୟବଧାନ ପ୍ରାୟ ଚାଳିଶ ମିଟର ହେବ।

କଳାରଙ୍ଗର ଫିଆଟ୍‌ଟିଏ ସାମ୍ନା ଘରର ଫାଟକ ପାଖରେ ହର୍ନ ଦେବାର ଶୁଣି ଅବିନାଶ ବାବୁ ଖାମଖିଆଲ ଭାବରେ ଚାହିଁଲେ ସେଇଆଡ଼କୁ। ଫାଟକ ଖୋଲାହେଲା, ଗାଡ଼ିଟି ଠିଆହେଲା ପୋର୍ଟିକୋ ତଳେ। ତହିଁରେ ଆରୋହୀ ଥିଲେ ମାତ୍ର ଦୁଇଜଣ– ଜଣେ ତରୁଣ, ଆଉ ଜଣେ ତରୁଣୀ।

ଅବିନାଶ ବାବୁ ନିଜ ଅଜାଣତରେ ଟିକିଏ ଚଞ୍ଚଳ ହୋଇ ପଡ଼ିଲେ।

ଦୁର୍ବଳ ଦୃଷ୍ଟିଶକ୍ତି ହେତୁ ସେମାନଙ୍କୁ ପରିଷ୍କାର ଭାବରେ ଦେଖିବା ସମ୍ଭବ ନ ଥିଲା। ପୁଣି ପୋର୍ଟିକୋ ତଳଟା କିଞ୍ଚିତ୍ ଅନ୍ଧାରୁଆ ଥିଲା। ତଥାପି ତରୁଣର ଅତ୍ୟାଧୁନିକତା ଓ ଅନୁପମ ସୌନ୍ଦର୍ଯ୍ୟ ସମ୍ବନ୍ଧରେ କ୍ଷୀଣ ସୂଚନା ସେ ପାଇପାରିଲେ। ତରୁଣ ସମ୍ପର୍କରେ ବିଶେଷ ଆଗ୍ରହୀ ନ ଥିଲେ ଅବିନାଶ ବାବୁ। ତଥାପି ତା'ର ବ୍ୟକ୍ତିତ୍ୱ ଓ ଯୁବକସୁଲଭ ଚଳଚଞ୍ଚଳ ସ୍ୱଭାବ ଛାଏଁ ଧରାଦେଲା ତାଙ୍କ ଦୃଷ୍ଟିରେ। ତା'ପରେ ଗୃହିଣୀଙ୍କର ଆବିର୍ଭାବ। ତା'ପରେ ବାରଣ୍ଡାଟା ଶୂନ୍‌ଶାନ୍ ହୋଇଗଲା।

ଧେତ୍... ଅବିନାଶ ବାବୁ ବିରକ୍ତିରେ ମୁହଁ ବୁଲାଇ ଆଣିଲେ। ଚୌକି ଉପରୁ ଉଠି ସେ ବାରଣ୍ଡା ପାଖକୁ ଆସିଲେ ଏବଂ ଦେଖିଲେ ଯେ, କେହି ତାଙ୍କର ଗତିବିଧି ଲକ୍ଷ୍ୟ କରୁନାହିଁ। ସେ ନିଶ୍ଚିତ ହୋଇ ପୁଣି ରୁମ୍ ଭିତରେ ପଶି କବାଟ ବନ୍ଦ କଲେ। ରୁମ୍ ଭିତରେ ମଣ୍ଟୁର ବ୍ୟାବହାରିକ ସାମଗ୍ରୀ ପୂରି ରହିଛି। ଗୋଟିଏ କୋଣରେ ଥିବା ଆଲମିରାଟା ମଣ୍ଟୁର ବହିପତ୍ର ଓ ଆହୁରି ଅନେକ ଜିନିଷ ନିଜ ଗର୍ଭରେ ଧରି ଠିଆ ହୋଇଛି ନିର୍ବାକ୍ ହୋଇ।

ଅବିନାଶ ବାବୁଙ୍କୁ ଜଣାଗଲା, ସତେ ଯେପରି ତାଙ୍କର କ୍ଳାନ୍ତି ଓ ଅବସାଦ କେଉଁଆଡ଼େ ଉଭେଇ ଯାଇଛି। ସେ ପୁଣିଥରେ ଝରକା ପାଖକୁ ଯାଇ ସାମ୍ନା ଘରର ବାରଣ୍ଡା ଆଡ଼କୁ ଚାହିଁଲେ। ସେଇଟା ଆଗଭଳି ନିଶୂନ୍। ସେ ଫେରିଆସିଲେ ମଣ୍ଟୁର ପୋଷାକ ଥିବା ର୍ୟାକ୍ ପାଖକୁ। ଈଷତ୍ ମଇଳା ବୁଶ୍ ଶାର୍ଟଟିଏ ହାତରେ ଧରି ତାକୁ ଏପାଖ ସେପାଖ କରି ଦେଖିଲେ ଗୋଟାଏ ଅଦ୍ଭୁତ ଜିନିଷ ଭଳି। ସେଇଟାକୁ ଶୁଙ୍ଘିଲେ ସେ। ତେର–ଚଉଦ ବର୍ଷ ପିଲାର ଝାଳର ଗନ୍ଧ ତାଙ୍କୁ ସମ୍ମୋହିତ କରି ପକାଇଲା। ଆଉ କାଳ ବିଳମ୍ବ ନ କରି ସେଇ ଛୋଟିଆ କମିଜଟାକୁ ସେ ପିନ୍ଧି ପକାଇଲେ।

ସେଇ ପରିଧାନ ଅବିନାଶ ବାବୁଙ୍କୁ ଏକ ନୂତନ, ଅଦ୍ଭୁତ ଓ କମ୍ପିତ ଅଭିଜ୍ଞତା ଦେଲା। ଘର କୋଣରେ ଥିବା ମଣ୍ଟୁର ଛୋଟ କ୍ରିକେଟ୍ ବ୍ୟାଟ୍‌ଟି ଧରି, ସେ ବ୍ୟାଟିଂ କରିବା ଭଙ୍ଗୀରେ ଠିଆହେଲେ ଓ ଦୁଇ–ଚାରିଥର ଏ କାନ୍ଥରୁ ସେ କାନ୍ଥ ପର୍ଯ୍ୟନ୍ତ ଦୌଡ଼ାଦୌଡ଼ି କଲେ। ଏକ ଜରୁରୀ କଥା ମନେପଡ଼ିବା ଭଳି ସେ ପୁଣି ଝରକା ପାଖକୁ ଯାଇ ସାମ୍ନା ଘର ବାରଣ୍ଡାକୁ ଚାହିଁଲେ ଓ ପୁନର୍ବାର ହତାଶ ହୋଇ ଫେରିଆସିଲେ।

ସେଲ୍‌ଫରେ ଥିବା ଦର୍ପଣ ଆଗରେ ଠିଆ ହୋଇ, ସେ ପ୍ରଚୁର କୌତୁକର ସହିତ ନିଜକୁ ଲକ୍ଷ୍ୟ କଲେ। ମଣ୍ଟୁର ବୁଶ୍ ଶାର୍ଟଟି ତାଙ୍କ ଦେହକୁ ଗୋଟାଏ ଗଛର ବଲ୍‌କଳ ଭଳି ଜଡ଼ାଇ ଧରିଛି ; ମାତ୍ର ନିଜର ଝାଲୁଆମୁହଁ ତାଙ୍କୁ କିଞ୍ଚିତ୍ ବ୍ୟସ୍ତ କରି ପକାଇଲା। ଛୋଟ ଟର୍କିସ୍ ଦ୍ୱାରା ଖୁବ୍ ଜୋରରେ ସେ ନିଜର ମୁହଁ ଘସିଲେ ଓ Dream–me ପାଉଡର ନେଇ ନିଜ ମୁହଁରେ ଏକ ପ୍ରଲେପ ଦେଲେ।

ବୁଶ୍ ଶାର୍ଟଟିକୁ ଦେହରୁ କାଢ଼ି ର୍ୟାକ୍‌ରେ ରଖିବା ପୂର୍ବରୁ ତାହାକୁ ପୁଣିଥରେ ଶୁଙ୍ଘିବାକୁ ସେ ଭୁଲିଲେ ନାହିଁ। ତା'ପରେ ମଣ୍ଟୁର ଆଲମିରା ଖୋଲାହେଲା। କାହିଁକି ଜିନିଷପତ୍ରଗୁଡ଼ିକୁ ଏଭଳି ତନ୍ନତନ୍ନ ଭାବରେ ସେ ଖେଳେଇ ପକେଇଲେ, ତା'ର କାରଣ ସେ ଜାଣନ୍ତି ନାହିଁ। ପରିଶେଷରେ ଗୋଟିଏ ଛୋଟ ଟିଣବାକ୍ସ ଭିତରୁ ସେ ଯେଉଁ ଜିନିଷଟି ପାଇଲେ, ତାହା ତାଙ୍କୁ ଆନନ୍ଦରେ ଏକରକମ ପାଗଳ କରିଦେଲା। ଏକ ଅମୂଲ୍ୟ ଧନ ଭଳି ଜିନିଷଟିକୁ ସେ ଛାତିରେ ଚାପି ଧରିଲେ।

ସେଇଟା ଗୋଟାଏ ବାଇନୋକୁଲାର– ଖୁବ୍ କମ୍ ଦାମ୍‌ର। ସେଇଟାକୁ ଧରି ଅବିନାଶ ବାବୁ ଧାଇଁଗଲେ ଝରକା ପାଖକୁ। କି ଚମତ୍କାର ! ସାମ୍ନା ଘରର ବାରଣ୍ଡା ଖୁବ୍ ନିକଟରେ ଥିବା ଭଳି ଜଣାପଡୁଛି। ଆବିଷ୍କୃତ ବସ୍ତୁଟିର ପରୀକ୍ଷା ପାଇଁ ସେ ସତେଜ ଓ କ୍ଷିପ୍ର ହୋଇ ପଡ଼ିଲେ। ବିପୁଳ ବ୍ୟଗ୍ରତା ଓ ଅସ୍ଥିରତାର ସହିତ ବାଇନୋକୁଲାରଟିକୁ ଆଖି ସାମ୍ନାରେ ଧରି ସେ ଅପେକ୍ଷା କରିବାକୁ ଲାଗିଲେ, ଏକ ଦକ୍ଷ ଶିକାରୀ ତା'ର ଈପ୍‌ସିତ ଶିକାରକୁ କାବୁ କରିବା ପାଇଁ ଅପେକ୍ଷା କରିବା ଭଳି।

ତା'ପରେ –

ତରୁଣୀଟିର ଆବିର୍ଭାବ। ବାଇନୋକୁଲାର ସାହାଯ୍ୟରେ ତାକୁ ଦେଖିବା ସମୟରେ କାହିଁକି କେଜାଣି ଅବିନାଶ ବାବୁଙ୍କର ହୃତ୍‌ସ୍ପନ୍ଦନ ବଢ଼ିଗଲା ଓ ସେ ପରିଷ୍କାର ଭାବରେ ନିଜର ହାର୍ଟ–ବିଟ୍ ଶୁଣିବାକୁ ସକ୍ଷମ ଥିଲେ। ତାଙ୍କୁ ଜଣାଗଲା, ସତେଯେମିତି ସେ କିଛି ଜିନିଷ ଚୋରି କରିବାକୁ ଅନ୍ୟ ଘରେ ପଶିଛନ୍ତି। ନିଶ୍ଚିତ ହେବା ପାଇଁ ସେ ରୁମ୍‌ର ଦରଜାକୁ ଚାହିଁଲେ। ସେଇଟା ବନ୍ଦ ଅଛି।

କିନ୍ତୁ ତରୁଣୀଟିର ଅତୁଳନୀୟ ସୌନ୍ଦର୍ଯ୍ୟ ଅବିନାଶ ବାବୁଙ୍କୁ ସାମାନ୍ୟ ନିରୁତ୍ସାହିତ କରିଦେଲା। ତଥାପି ବାରଣ୍ଡାରେ ପଡ଼ିଥିବା ଇଜି ଚୌକିରେ ବସି ହାଲୁକା ଆକାଶୀ ରଙ୍ଗର ଶାଢ଼ି ଓ ସ୍ଲିଭ୍‌ଲେସ୍ ବ୍ଲାଉଜ ପିନ୍ଧି ଗୋଡ଼ ହଲାଉଥିବା ଉକ୍ତ ନାରୀମୂର୍ତ୍ତିର ସୌନ୍ଦର୍ଯ୍ୟ ଦେଖିବାକୁ ଅବିନାଶ ବାବୁ ଆଶାତୀତ ଭାବେ ବ୍ୟାକୁଳ ଥିଲେ। ବାଇନୋକୁଲାର ଯୋଗେ ସେ ଏତେ ନିକଟରେ ଥିଲା ଭଳି ଦେଖାଯାଉଥିଲା ଯେ, ଅବିନାଶ ବାବୁ ବେଳେବେଳେ ବିଚଳିତ ହୋଇ ପଡୁଥିଲେ ମଧ। ଠିକ୍ ଏତିକିବେଳେ ଦରଜାରେ ଠକ୍...ଠକ୍... ଶବ୍ଦ।

ତରତରରେ ବାଇନୋକୁଲାରଟିକୁ ତକିଆ ତଳେ ରଖି ସେ କବାଟ ଖୋଲିଲେ। ସାମ୍ନାରେ ତାଙ୍କର ପୁତ୍ରବଧୂ– ବିକାଶର ସହଧର୍ମିଣୀ।

ମୁହଁ ତଳକୁ ପୋତି ସେ ଟିକିଏ ଆଶ୍ଚର୍ଯ୍ୟ ହେଲା ଭଳି ନିମ୍ନ ସ୍ୱରରେ କହିଲେ– 'ଆପଣ ଶୋଇନାହାନ୍ତି ? ଭାବିଲି, ଆପଣ ଶୋଇ ଯାଇଥିବେ। ଔଷଧ ଖାଇବା ସମୟ ତ ହୋଇଗଲାଣି।'

ଏଁ! ଅବିନାଶ ବାବୁ କିଛି କଥା ନ ଶୁଣି ପାଟି କରି ଉଠିଲେ।

– ହଁ, ତିନିଟା ବାଜିଲାଣି। ମିସେସ୍ ଦାସଙ୍କ ରକ୍ତିମ ଓଠରେ ଖିଏ ସରୁ ହସ।

ସେ ଚାଲିଗଲେ। ଅବିନାଶ ବାବୁ ସେଇଠି ଠିଆ ହୋଇ ନିଜର ସଚେତନ ମନ ଭିତରକୁ ଫେରି ଆସୁଥିଲେ କ୍ରମଶଃ। ତାଙ୍କୁ ଜଣାଗଲା, ସେ ଯାହାସବୁ କରି ପକାଇଛନ୍ତି ସେ ସବୁ ସ୍ୱପ୍ନ। ଧୀର ପଦରେ ସେ ଚାଲିଆସିଲେ ବିଛଣା ପାଖକୁ। ତକିଆ ତଳୁ ବାଇନୋକୁଲାରଟିକୁ ନେଇ ଏପାଖ ସେପାଖ କରି ଦେଖିବାରେ ଲାଗିଲେ। ଆଲମିରାର ଯଥାସ୍ଥାନରେ ତାହାକୁ ରଖି ସେ ନିର୍ବାକ୍ ହୋଇ ଠିଆ ହେଲେ।

ସେଠାରୁ ପାଦ ଫେରାଇଲାବେଳକୁ ତାଙ୍କର ମନ ପୁଣି ସେଇ ଛୋଟିଆ ଯନ୍ତ୍ରଟି ଆଡ଼କୁ ଧାବିତ ହେଲା। ସେ କିଛି ସମୟ ସ୍ଥିର ହୋଇ ଠିଆ ହେଲେ ଓ ମନ ଭିତରେ ଚାଲିଥିବା ଦୁଇଟି ପରସ୍ପର ବିରୋଧୀ ଚିନ୍ତାଧାରାର ସଂଘର୍ଷ ଲକ୍ଷ୍ୟ କଲେ।

ତା'ପରେ ଅବିନାଶ ବାବୁ ପୁଣି ଆଲମିରାରୁ ବାଇନୋକୁଲାର ଆଣି ଆଖି ସାମ୍ନାରେ ଧରି ସାମ୍ନାଘରର ବାରଣ୍ଡା ଆଡ଼କୁ ଚାହିଁଲେ। ଯଦିଓ ବାରଣ୍ଡାରେ କେହି ନ ଥିଲେ ; ତଥାପି ଖୁବ୍ ଉଦ୍‌ବିଗ୍ନତା ଓ ବ୍ୟାକୁଳତାର ସହିତ ସେ ଉକ୍ତ ନାରୀମୂର୍ତ୍ତିର ପ୍ରତୀକ୍ଷା କଲେ।

ସନ୍ଧ୍ୟା ପାଞ୍ଚଟାବେଳକୁ ମଣ୍ଟୁ ସ୍କୁଲରୁ ଫେରିଲା। କ୍ଳାନ୍ତି ଯୋଗୁଁ ସେ ଅବସନ୍ନ ଦେଖାଯାଉଥିଲା। ସେ ଜେଜେ ଜେଜେ ଡାକି ବହିପତ୍ର ଥିବା ବ୍ୟାଗ୍‌ଟିକୁ ଟେବୁଲ ଉପରକୁ ଏକରକମ ଫୋପାଡ଼ି ଦେଇ ଅବିନାଶ ବାବୁଙ୍କ ବିଛଣା ଉପରେ ନିଜକୁ ଲୋଟାଇ ଦେଲା। ତକିଆଟା ଅଡୁଆ ଲାଗିବାରୁ ସେ ତାହାକୁ ଟେକିଦେବା ମାତ୍ରେ ବାଇନୋକୁଲାରଟି ଉପରେ ତା'ର ଦୃଷ୍ଟି ପଡ଼ିଲା।

– ''ଆରେ ତୁମେ ଏଇଟାକୁ ପାଇଲ କେଉଁଠୁ ?'' ମଣ୍ଟୁ ଆଶ୍ଚର୍ଯ୍ୟମିଶା କଣ୍ଠରେ ପ୍ରଶ୍ନକଲା ବୃଦ୍ଧ ଉଦ୍ଦେଶ୍ୟରେ।

– ''ତୋ ଆଲମିରାରୁ।''

– ''ତୁମେ ଏଇଟାକୁ କ'ଣ କରୁଛ ?'' ମଣ୍ଟୁ ପ୍ରଶ୍ନକଲା। ଉତ୍ତର ପାଇଁ ଅପେକ୍ଷା ନ କରି କହିଲା– ''ଜାଣିଲ ଜେଜେ, ଗତବର୍ଷ ଅଷ୍ଟ୍ରେଲିଆ ସାଙ୍ଗରେ ଭାରତର ଯେଉଁ କ୍ରିକେଟ୍ ଟେଷ୍ଟ ଏଠାରେ ହୋଇଥିଲା, ତାହା ଦେଖିବା ପାଇଁ ମୁଁ ଏଇଟାକୁ କିଣିଥିଲି। ଭାରତ poor fielding..."

ମଣ୍ଟୁ କଥା ଶେଷ କରିପାରିଲା ନାହିଁ। ମିସେସ୍ ଦାସ ତାକୁ ଖାଇବାକୁ ଡାକିନେଲେ।

ଦିନର ଆଲୋକ କ୍ରମଶଃ ଦ୍ରବୀଭୂତ ହେଉଥିଲା ଅନ୍ଧକାରରେ। ମଣ୍ଟୁ ଚାଲିଯିବା ପରେ ଅବିନାଶ ବାବୁ ସେଦିନ ସନ୍ଧ୍ୟାରେ ସାମ୍ନା ଘର ସମ୍ମୁଖରେ ଟିକିଏ ବୁଲାଚଲା କରିବା ପାଇଁ ଖୁବ୍ ବ୍ୟସ୍ତ ହୋଇ ପଡ଼ିଲେ।

ସଫା ଧୋତି–ପଞ୍ଜାବି ପିନ୍ଧି ଓ ଦର୍ପଣ ଆଗରେ ଠିଆ ହୋଇ ନିଜକୁ କିଛି ସମୟ ପାଇଁ ଲକ୍ଷ୍ୟ କରିବା ପରେ ଅବିନାଶ ବାବୁ ରାସ୍ତା ଉପରେ ପାଦଦେଲେ। ସାମ୍ନା ଘରଆଡ଼କୁ ଚାହିଁ ରାସ୍ତା ଅତିକ୍ରମ କଲାବେଳକୁ ସେ ଦେଖିଲେ ଯେ ଉକ୍ତ ରୂପସୀ ତରୁଣୀଟି ଗେଟ୍ ଖୋଲି ବାହାରକୁ ଆସୁଛି। ଅବିନାଶ ବାବୁଙ୍କର ପାଦ ଯେ ଖାଲି ସ୍ଥିର ହୋଇଗଲା ତା' ନୁହେଁ ; ତାଙ୍କର ଦୁଇଆଖି ତରୁଣୀଟିର ଅନୁପମ ସୁନ୍ଦର ମୁହଁ ଉପରେ ନିବଦ୍ଧ ହୋଇଗଲା। ତା'ର ଦୁଇ ରକ୍ତିମ ଓଠରେ ଯେଉଁ ଅପୂର୍ବ ସ୍ମିତହାସ୍ୟର ମନଲୋଭା କ୍ଷୁଦ୍ର ତରଙ୍ଗଟି ଲାଗି ରହିଥିଲା, ତାହା ତାଙ୍କୁ ଚମତ୍କୃତ କରିଦେଲା। ପୁରୁଣା ତଥା କମ୍ ଦାମ୍‌ର ଦଦରା ବାଇନୋକୁଲାର ସାହାଯ୍ୟରେ ଏତେ ସୌନ୍ଦର୍ଯ୍ୟ ତାଙ୍କୁ ପରିଷ୍କାର ଭାବରେ ଦେଖାଯାଉ ନ ଥିଲା।

ଏଭଳି ତରୁଣୀକୁ ଏତେ ପାଖରେ ଦେଖିବା ତାଙ୍କ ଜୀବନରେ ଏଇ ହେଉଛି ପ୍ରଥମ। ଚାକିରିର ବ୍ୟସ୍ତତା ଭିତରେ ବାନ୍ଧି ହୋଇ ସେ ଯେପରି ଏ ଦିଗ ପ୍ରତି ଧ୍ୟାନ ଦେବାକୁ ସମୟ ପାଇ ନ ଥିଲେ।

ଗେଟ୍ ବନ୍ଦ କରୁକରୁ ତରୁଣୀଟି ଈଷତ୍ ବିରକ୍ତମିଶା ସ୍ୱରରେ କହିଲା– ''ଆରେ, ଆପଣ ଏତେ ଜୋର୍‌ରେ ଚାଲୁଛନ୍ତି କାହିଁକି ?''

ଅବିନାଶ ବାବୁ ତତ୍‌କ୍ଷଣାତ୍ ନିଜ ଆଡ଼େ ଚାହିଁଲେ ଏବଂ ଦେଖିଲେ ଯେ ସେ ଆଦୌ ଚାଲୁନାହାନ୍ତି। ତେବେ ତରୁଣୀର ସେହି କୋମଳ କଣ୍ଠ ବାୟୁମଣ୍ଡଳଟାକୁ ଝଙ୍କୃତ କରିପକାଇଲା ଏବଂ ଅବିନାଶ ବାବୁଙ୍କୁ ସମଗ୍ର ବିଶ୍ୱ ସଙ୍ଗୀତମୟ ଜଣାଗଲା। ସେ ବ୍ୟସ୍ତ ହୋଇ ନିଜ ଚାରିପାଖକୁ ଚାହିଁଲାବେଳକୁ ଜଣେ ତରୁଣର ସ୍ୱର ଶୁଣିଲେ– "come on quick"।

ଅବିନାଶ ବାବୁ ଚାହିଁଲେ ଆଗକୁ। ସକାଳେ ଫିଆଟ୍ ନେଇ ପହଞ୍ଚିଥିବା ସେଇ ଯୁବକ। ସେ ଠିଆହୋଇ ତରୁଣୀକୁ ଅପେକ୍ଷା କରିଛି। ଆହତ ଦୃଷ୍ଟିରେ ସେ ସେଇଠି ଠିଆ ହୋଇ ତରୁଣୀର ଯିବା ବାଟକୁ ଚାହିଁ ରହିଲେ। ଅଳ୍ପକ୍ଷଣ ପରେ ସେ ଦୁଇଜଣଙ୍କର ଖିଲିଖିଲି ହସ ତାଙ୍କ ମନକୁ ବିବ୍ରତ ଓ ହୃଦୟକୁ ଆଘାତ କରିବାକୁ ଲାଗିଲା। ତା'ପର ଦିନ–

ମଣ୍ଟୁ ସ୍କୁଲ ଯିବାପାଇଁ ବାହାରିଲା ବେଳକୁ ଅବିନାଶ ବାବୁ ପ୍ରଶ୍ନ କଲେ– ''ଆରେ ମଣ୍ଟୁ, ତୁ ସେମାନଙ୍କୁ ଚିହ୍ନିନୁ ?''

ମୁଣ୍ଡ କୁଣ୍ଡାଉଥିବା ଅବସ୍ଥାରେ ସେ ଓଲଟା ପଚାରିଲା– 'କାହାକୁ' ?

ଅବିନାଶ ବାବୁ ଉପଲବ୍ଧି କଲେ ଯେ, ଯାହାର ଭାବନା ତାଙ୍କର କାର୍ଯ୍ୟହୀନ ସମୟର ଶୃଙ୍ଖଳା ସ୍ରୋତକୁ ଚବିଶ ଘଣ୍ଟା ହେଲା ପ୍ଳାବିତ କରିଛି, ମଣ୍ଟୁ ତାଙ୍କୁ ଜାଣେନା। ମଣ୍ଟୁର ବ୍ୟାବହାରିକ ଜ୍ଞାନ ଖୁବ୍ କମ୍ ବୋଲି ସେ ଅନୁଭବ କଲେ। ତା'ପରେ ବୃଦ୍ଧ ଉଦାର ପ୍ରଶ୍ନ କଲେ– ''ହିମାଳୟର ରୁକ୍ଷ କଳେବର ଉପରେ ଆଦ୍ୟ ସୂର୍ଯ୍ୟର କୋମଳ କିରଣପାତ କଥା ତୁ କେବେ ଚିନ୍ତା କରିଛୁ ?'' ବୋଧହୁଏ ମଣ୍ଟୁ ଏ ପ୍ରକାର ଦର୍ଶନ ସହିତ ନିଜକୁ ଖାପ ଖୁଆଇ ପାରୁନି ବୋଲି ମନେକରି ସେ କହିଚାଲିଲେ– ''ଗତକାଲି ସାମ୍ନା ଘରକୁ କାର୍ ଯୋଗେ କେଇଜଣ ଲୋକ ଆସିଛନ୍ତି। ଏତେ ଜୋର୍‌ରେ ଅଭଦ୍ରଙ୍କ ଭଳି ହସୁଛନ୍ତି ଯେ ମୁଁ ଜମା ଶୋଇପାରି ନ ଥିଲି ଦିନଟା ସାରା। ଗୋଟାଏ ଝିଅ ଆସିଛି ଯେ ଖାଲି ଘୋଡ଼ୀଙ୍କ ଭଳି ହସିବାରେ ବ୍ୟସ୍ତ। ଏମିତି ଅଣ୍ଡିରାଚଣ୍ଡୀ ଟୋକୀ ମୁଁ ଆଗରୁ ଦେଖି ନ ଥିଲି।'' ମଣ୍ଟୁ ଭ୍ରୂକୁଞ୍ଚନ କରି ପଚାରିଲା– 'ସତେ!' ତା'ପରେ ସେ କୌଣସି କଥାକୁ ଅପେକ୍ଷା ନ କରି ଝରକା ପାଖକୁ ଗଲା ଓ ସାମ୍ନା ବାରଣ୍ଡାକୁ ଚାହିଁଲା। ହଠାତ୍ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ମନେପଡ଼ିଲା ଭଳି ସେ ବିଛଣା ଉପରେ ଥୁଆ ହୋଇଥିବା ବାଇନୋକୁଲାରଟି ନେଇ ଧରିଲା ଆଖି ସାମ୍ନାରେ। ସେହିଭଳି ଆଗକୁ ଚାହିଁ ପଚାରିଲା– ''ଜେଜେ, ବାରଣ୍ଡାରେ ଜଣେ ସ୍ତ୍ରୀଲୋକ ମୁଣ୍ଡ କୁଣ୍ଡାଉଛି। ତା'ରି କଥା ତୁମେ କହୁଛ କି ?''

ଅବିନାଶ ବାବୁ ବିରକ୍ତ ହେଲା ଭଳି କହିଲେ– ''କେଜାଣି ! ମୋର ତ ଆଖି ଖରାପ ଯେ ମୁଁ ଭଲରକମ କିଛି ଦେଖିପାରୁନି। ଆଉ ମୁଣ୍ଡ କୁଣ୍ଡେଇଲା କିଏ, ଇଜି ଚେୟାର ଉପରେ ବସି ଗୋଡ଼ ହଲେଇଲା କିଏ, କିଏ ସ୍ଲିଭ୍‌ଲେସ୍ ବ୍ଲାଉଜ୍ ପିନ୍ଧିଲା, ସେ କଥା ଏତେ ଦୂରରୁ ଦେଖିବି କିପରି ?'' ତାଙ୍କୁ ଉତ୍ସାହିତ କଲା ଭଳି ମଣ୍ଟୁ କହିଲା– ତୁମେ ଏଇ ବାଇନୋକୁଲାରଟା ନେଇ ଦେଖ ଜେଜେ। ସବୁ ଜିନିଷ ପାଖରେ ଥିବା ଭଳି ଜଣାପଡୁଛି।

ଆଗ୍ରହହୀନ ସ୍ୱରରେ ସେ ଜବାବ ଦେଲେ– ''ଆରେ ସେସବୁ ଦେଖି ମୁଁ କ'ଣ କରିବି ? ସେଇଟା ରଖିଥା। କ୍ରିକେଟ ଖେଳ ଦେଖିବୁ।''


ମାତ୍ର ମଣ୍ଟୁ ଅବିନାଶ ବାବୁଙ୍କ ହାତକୁ ସେଇଟା ବଢ଼ାଇ ଦେଲାବେଳେ ତାହା ହାତରୁ ଖସିପଡ଼ିଲା ଓ ତା'ର ଲେନ୍‌ସଟି ଭାଙ୍ଗି ଚୂନା ହୋଇଗଲା।

ମଣ୍ଟୁର ସ୍କୁଲ୍ ବେଳ ହୋଇଗଲା। ଏତିକିବେଳେ ବିକାଶ ବାବୁଙ୍କ କାର୍‌ର ହର୍ଣ୍ଣ ଶୁଣିବାକ୍ଷଣି ସେ ଏକାକୁଦାକେ ରୁମ୍‌ରୁ ନିଷ୍କ୍ରାନ୍ତ ହେଲା।

ରୁମ୍‌ର ଶାନ୍ତ ନୀରବ ପରିବେଶ ଭିତରେ ଅବିନାଶ ବାବୁ ବୋଧକଲେ, ସତେଯେପରି ଆଶାର କାଚ ଘରଟା ଧ୍ୱଂସସ୍ତୂପରେ ପରିଣତ ହୋଇଯାଇଛି। ଭାଙ୍ଗି ଯାଇଥିବା ଲେନ୍‌ସର ଟୁକୁରାଗୁଡ଼ିକୁ ସେ ଉଠାଇନେଲେ, ମାତ୍ର ବାହାରକୁ ଫିଙ୍ଗିଦେବା ପାଇଁ ତାଙ୍କ ମନ ବଳିଲା ନାହିଁ।

ସେ ଆସିଲେ ଝରକା ପାଖକୁ। ସାମ୍ନାରେ ସେଇ ଘର, ସେଇ ବାରଣ୍ଡା। ସେ ଚାହିଁ ରହିଲେ। ଅଳ୍ପ ସମୟ ପରେ ସେ ଘରର ଗେଟ୍ ଟପି ଏକ ଫିଆଟ୍ ବାହାରକୁ ବାହାରିଲା ଓ ତାଙ୍କ ଦୃଷ୍ଟିର ଅନ୍ତରାଳରୁ ଚାଲିଗଲା।

ଅବିନାଶ ବାବୁଙ୍କର ସେଠାରେ ରହିବା ସମୟ ଭିତରେ ସେ ଫିଆଟ୍ ପୁନର୍ବାର ସେହି ଘରର ପୋର୍ଟିକୋ ତଳକୁ ଫେରି ନ ଥିଲା।



## ସ୍ମୃତି-ଅନୁଭୂତି

**ପ୍ରତାପ ଚନ୍ଦ୍ର ପାଢ଼ୀ**

# ବାକିଖାତାରେ ସଞ୍ଚୟ

ଘଟଣାଟି ପ୍ରାୟ ଛତିଶ ବର୍ଷ ତଳର। ସେତେବେଳେ ନବୀନ, ସବିତା, ରାମରାଜ୍ୟ, ତରୁଣ, ମୁକ୍ତିବାର୍ତ୍ତା ଇଂଲିଶ୍‌ରେ ପୋଏଟ୍ରି ଟାଇମ୍‌ସ ପରି କେତୋଟି ପତ୍ରପତ୍ରିକା ପ୍ରକାଶ ପାଉଥାଏ। ମହୁରି ରାଜା ସ୍ୱର୍ଗତ କୃପାସିନ୍ଧୁ ନରେନ୍ଦ୍ର ଦେବଙ୍କ ସ୍ୱ ପିତାଙ୍କ ନାମରେ ନାମିତ ସାପ୍ତାହିକ 'ନବୀନ' ପୌରପାଳିକା ଅଧୀନ ଛପନଟି ବିଦ୍ୟାଳୟକୁ ପ୍ରେରିତ ହେଉଥିଲା। ରଙ୍ଗୁଣିବନ୍ଧସାହିର 'ରୟାଲ ପ୍ରେସ୍'ରୁ ପ୍ରତି ସପ୍ତାହ ମଙ୍ଗଳବାର ଦିନ ପ୍ରକାଶ ପାଉଥାଏ। ଏହାର ସଂପାଦକ ଥାଆନ୍ତି ସ୍ୱର୍ଗତ ସିହାଁଦ୍ରୀ ପଣ୍ଡା। ସେ ସମୟରେ କୌଣସି ଦୈନିକ ଖବରକାଗଜ ସହରରୁ ପ୍ରକାଶ ପାଉ ନ ଥାଏ।

ପତ୍ର ପ୍ରେରକର କିଛି ଲେଖା ଏସବୁ ପତ୍ରପତ୍ରିକାରେ ସ୍ଥାନ ପାଇଥାଏ। କେତେକ ସମ୍ପାଦକ ଓ ସାମ୍ବାଦିକ ମଧ୍ୟ ଚିହ୍ନିଥାଆନ୍ତି। ସଂପ୍ରତି ବିନାୟକ ଆଚାର୍ଯ୍ୟ ସ୍ମୃତି ଉଚ୍ଚ ବିଦ୍ୟାଳୟର ନାମ ସେତେବେଳେ ପୌର ଉଚ୍ଚ ବିଦ୍ୟାଳୟ, ଆସ୍କାରୋଡ ଥିଲା। ସ୍କୁଲ ଆଗରେ ସାହୁ ହୋଟେଲ ଓ ଜେନା ପାନ ଦୋକାନ। ସେମାନେ ସମାଜ, ପ୍ରଜାତନ୍ତ୍ର ଓ ମାତୃଭୂମି ଦୈନିକ ମଗାଇ ଥାଆନ୍ତି। ଏଣୁ ଖବର ପାଠ କରିବାକୁ ଭିଡ଼ ଜମେ। ନରସିଂହ ପଟ୍ଟନାୟକ ନାମକ ଜଣେ ସାମ୍ବାଦିକ ଏଠାକୁ ବେଳେବେଳେ ଆସନ୍ତି। ପତଳା ଶରୀର। ଧୋତି ସହ ଖଦଡ଼ ପଞ୍ଜାବି ପରିଧାନ କରିଥାଆନ୍ତି। କାଳୀ ଚରଣ ନାୟକଙ୍କ ସଂପାଦନାରେ କୋର୍ଟପେଟା ଛକରୁ ପ୍ରକାଶ ପାଉଥିବା 'ଗଣରାଷ୍ଟ୍ର' ପାକ୍ଷିକର କେତୋଟି କପି ଧରିଥାଆନ୍ତି। କପେ ଚା ଖାଆନ୍ତି। ପ୍ରତି ବଦଳରେ ଗଣରାଷ୍ଟ୍ରର କପିଟିଏ ଦୋକାନୀକୁ ଦେଇଯାଆନ୍ତି। ଭଦ୍ରବ୍ୟକ୍ତି ସମବାୟ ବିଭାଗରେ କାର୍ଯ୍ୟ କରୁଥିଲେ। ମାତ୍ର ସେ ଅବସରପ୍ରାପ୍ତ କି ଚାକିରି ଛାଡ଼ି ଚାଲି ଆସିଛନ୍ତି; ସେମିତି କିଛି ଆଭାସ ତାଙ୍କଠାରୁ ମିଳେ ନାହିଁ। ଥରେ ଏ ପତ୍ର ପ୍ରେରକକୁ ଅନୁରୋଧ କରି କହିଲେ- ''କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ସମ୍ପର୍କରେ ଗୋଟେ ଲେଖା ଲେଖି ଦେଇପାରିବେ? ଆସନ୍ତା 'ଗଣରାଷ୍ଟ୍ର'ରେ ସେଇଟି ସ୍ଥାନିତ କରିବୁ।''

ପତ୍ରପ୍ରେରକ ଛତ୍ରପୁର ଆସ୍କୋ ଶିକ୍ଷାନୁଷ୍ଠାନରେ ଏକାଦଶ ପଢୁଥିବାବେଳେ ଏହି ତରୁଣ ସବୁଜ ଯୁଗର କବିଙ୍କ 'ଗାନ୍ଧାରୀର ଆଶୀର୍ବାଦ' ପଢ଼ିବାର ସୁଯୋଗ ପାଇଥିଲା। ତା' ସହ କାଳଜୟୀ ଉପନ୍ୟାସ 'ମାଟିର ମଣିଷ', 'ପାଷାଣର କ୍ଷୁଧା', 'ଲୁହାର ମଣିଷ' ପୂର୍ବରୁ ପଢ଼ିଥିଲା, ତେଣୁ ପୃଷ୍ଠାଏ କଳେବର ଲେଖା ଲେଖି ଦିନେ ଦି'ଦିନ ମଧ୍ୟରେ ଭଦ୍ରବ୍ୟକ୍ତିଙ୍କୁ ଦେବାରେ ଅବହେଳା ହୋଇ ନ ଥିଲା। ପ୍ରାୟ ଦୁଇ ସପ୍ତାହ ପରେ ପୁରୁଣା ବସ୍‌ଷ୍ଟାଣ୍ଡସ୍ଥ ଶଶିଭୂଷଣ ଛକରେ ସେ ମହାଶୟ ହଠାତ୍ ମୋ' ଲେଖା ପ୍ରକାଶ ପାଇଥିବା ଲେଖକୀୟ କପିଟିଏ ଦେବା ସହ ନିକଟରେ ଥିବା ଶ୍ରୀକୃଷ୍ଣ କେଫ୍‌କୁ ଡାକିଲେ। ନିଜେ ନ ଖାଇ ବି ଖାଇଛି କହି ଗୋଟିଏ ପ୍ଲେଟ୍ ଇଡ଼ଲି ବରାଦ କଲେ। ମୋର ଇଡ଼ଲି ଖିଆ ସରିବା ପରେ ଦୁଇ କପ୍ ଚା ବରାଦ କଲେ, ଯାହାକି ଉଭୟେ ସାଙ୍ଗ ହୋଇ ପିଇଲୁ। ଏହା ପରେ ହୋଟେଲ ବିଲ୍ ଦେଲେ, ମାତ୍ର କିଛି ପଇସା ପରେ ଦେବେ ବୋଲି କହି ହେଡ୍‌ପୋଷ୍ଟ ଅଫିସ ଆଡ଼େ ଚାଲିଲେ। ସାଙ୍ଗରେ ଥାଏ ପତ୍ରପ୍ରେରକ। ସେଇଠି ମଧ୍ୟ ସେଇ ଅବସ୍ଥା। କେତୋଟି ଖାମ୍ ପୋଷ୍ଟ କରିବାକୁ ଡାକଟିକେଟ୍‌କୁ ମଧ୍ୟ ପଇସା ନିଅଣ୍ଟ। ସେଠାରେ ତାଙ୍କର କେହି ଜଣେ ପରିଚୟ ବ୍ୟକ୍ତିଙ୍କଠାରୁ କିଛି ଧାର ଆଣି କାମଟି ତୁଲାଇ ଦେଲେ।

ଅନ୍ୟ ଏକ ଦୃଷ୍ଟାନ୍ତ ଲେଖୁଛି। ଲେଖକ ଶ୍ରୀରାମନଗର ଜଗନ୍ନାଥ ବିହାର ଅଞ୍ଚଳରେ ଦୀର୍ଘ ଏଗାର ବର୍ଷ ଧରି ବସବାସ କରୁଥାଏ। 'ଫୁଲ୍ କି ଚାହ' କବିତାର ଓଡ଼ିଆ ଅନୁବାଦ 'ଫୁଲ କହେ ଡାକି' ଶିରୋନାମାରେ ଯାନ୍ତ୍ରିକ ମାର୍ଗରେ ରହୁଥିବା ପ୍ରଫୁଲ୍ଲ କୁମାର ଚୌଧୁରୀଙ୍କ ଠିକଣାରେ ପଠାଇଥିଲି। ଲେଖା ପ୍ରକାଶ ପାଇଥିଲା। ଦୀର୍ଘ ଦଶବର୍ଷ ପରେ ପୁଣି ତାଙ୍କୁ ଉକ୍ତ ବିଷୟ ସ୍ମରଣ କରି ଚିଠିଟିଏ ଲେଖିଥିଲି। ସେତେବେଳେ ସେ 'ସମାଚାର ଦର୍ପଣ' ସହ ଅନ୍ୟ ଏକ ପତ୍ରିକା ମଧ୍ୟ ସଂପାଦନା କରୁଥାଆନ୍ତି। ଥରେ ସେ ଉତ୍ତର ପଠାଇ ତାଙ୍କୁ ମିଶିବାକୁ ଡାକିଲେ ଓ ନିଜ ଝିଅ ପ୍ରିୟଙ୍କାକୁ କହିଲେ- 'ମାଆ, ଏ ଆଜ୍ଞାଙ୍କୁ ପଚାଶଟି ଟଙ୍କା ଆଣି ଦେଲୁ।' ଝିଅ ପିତାଙ୍କ ଆଦେଶ ପାଇ ପଚିଶି ଗୋଟି ଦୁଇଟଙ୍କିଆ ନୋଟ୍ ମୋ' ହାତକୁ ବଢ଼ାଇବା ଦେଖି ମୁଁ ମନାକଲି। ସେ କହିଥିଲେ- 'ଏହା ହେଉଛି ଆପଣଙ୍କ ପ୍ରାପ୍ୟ।' ବାସ୍ତବରେ ଦିନ ଯାଏ ଚିହ୍ନ ରହେ।

ଅନ୍ୟ ଏକ ଘଟଣା ନ ଲେଖିଲେ ମନକୁ ବୁଝାଇ ହେବ ନାହିଁ। 'ନବୀନ' ସମ୍ପାଦକଙ୍କ ନିକଟକୁ ପ୍ରାୟ ଦଶବର୍ଷ ଧରି ଯାଉଥାଏ। ସେ ବେଳେବେଳେ ପ୍ରୁଫ୍ ଦେଖିବାକୁ ଦେଇଥାଆନ୍ତି। ମଙ୍ଗଳବାର ଦିନ 'ନବୀନ' ପ୍ରକାଶ ପାଇଲେ, ଜଣେ ଅଠା ଲଗାଇ ଷ୍ଟାମ୍ପ୍ ମାରି ରଖିଥାଏ, ମୁଁ ଠିକଣା ଲେଖିଦିଏ। ଏଗୁଡ଼ିକ ପୋଷ୍ଟ ଅଫିସ୍‌କୁ ପ୍ରେରଣ କରାଯାଏ। ଏଠାକୁ କବି, ଲେଖକମାନେ ଆସିଥାଆନ୍ତି। ଆସର ଜମେ। ରୟାଲ ପ୍ରେସ ହେଉଛି ମହୁରି ରାଜ ପରିବାରଙ୍କ ସମ୍ପତ୍ତି। ସାପ୍ତାହିକ 'ନବୀନ' ବି ସେଇ ପରିବାରଙ୍କ ହେପାଜତରେ ଥାଏ; ମହୁରି ଥାଟ ରାଜା ଛେରାପହଁରା ସମୟରେ ଆସନ୍ତି। ଥରେ ପ୍ରତିଷ୍ଠାତା ସମ୍ପାଦକଙ୍କ ପତ୍ନୀ ରାଣୀ ଆସି ପଦେ କହିଥିଲେ, ଏବେ ବି ତାହା ମନରେ ପ୍ରତିଧ୍ୱନିତ ହୁଏ- 'ଯିବା ଆସିବା ଲୋକଙ୍କୁ ମାଣ୍ଡିଆ ଯାଉ, ଘରେ ଥିବା ଲୋକ ତବତ ଖାଉ।'

ଅନ୍ୟ ଏକ ଅବତାରଣା ଏପରି। 'ଦୈନିକ ଆଶା' ହିଲ୍‌ପାଟଣାରୁ ଆସି ଗାନ୍ଧୀ ନଗରରେ କାର୍ଯ୍ୟ କରେ। ସମ୍ପାଦକ ଥାଆନ୍ତି ପ୍ରମୋଦ କୁମାର ପଣ୍ଡା, ଦୋରାବାବୁ ନାମକ ଆର୍କୋଲିର ଜଣେ କମ୍ପ୍ୟୁଟର ଅପରେଟର ଥାଆନ୍ତି। ଡାକରେ ଲେଖା ପଠାଇଲେ ଡେରି ହେବ। ଏଣୁ ସେ କହିଦେଇ ଥାଆନ୍ତି, ସେ ମହାଶୟଙ୍କ ହାତରେ ଲେଖାଦେଲେ ତାହା 'ଦୈନିକ ଆଶା'ରେ ସ୍ଥାନିତ ହେବ। ଅନେକ ପଲ୍ଲୀ ଗୀତ ସଂକଳନ କରି ଉକ୍ତ ଖବରକାଗଜକୁ ପଠାଇଥିଲି। ପ୍ରାୟ ସମସ୍ତ ଲେଖା ପ୍ରକାଶ ପାଉଥିଲା। ଥରେ ଅଚାନକ 'ଦୈନିକ ଆଶା' ଅଫିସ୍‌କୁ ଯାଇଥିଲି। ବିଭିନ୍ନ ଟେବୁଲରେ ସାମ୍ବାଦିକମାନେ କାର୍ଯ୍ୟ କରୁଥାଆନ୍ତି। ଆସନ୍ତାକାଲି ପାଇଁ ଜୋରସୋରରେ କାମ ଚାଲିଥାଏ। ସଂଧ୍ୟାରେ ପୁରୁଣା ବସ୍‌ଷ୍ଟାଣ୍ଡରେ ଆସନ୍ତାକାଲିର ଖବରକାଗଜ ବିକ୍ରି ହେବ ତ! ମୋ' ଲେଖା ସମ୍ପର୍କରେ ସମ୍ପାଦକ ଯେଉଁ ବାଣୀ ଶୁଣାଇଥିଲେ, ତାହା ଏପରି- ''ଆପଣଙ୍କ ଲେଖା ଆମ ଖବରକାଗଜରେ ବଳକା କିଛି ନାହିଁ। ସବୁ କିଛି ପ୍ରକାଶ ପାଇଛି।'' ଏସବୁ ବହୁଦିନ ପରେ ମନେପଡ଼ି ବାକିଖାତାରେ ସଞ୍ଚୟ ପରି ଲାଗିବ ନାହିଁ କି?

**– ହେମଲତା ପବ୍ଲିକ ସ୍କୁଲ,**
**ଗୋବିନ୍ଦନଗର, ଗୋଳନ୍ଥରା, ଗଞ୍ଜାମ**

## ଗୁଣ୍ଡା (୩ୟ ପୃଷ୍ଠାରୁ)

ଶେଷରେ ନିର୍ଯାସ ଏଇଆ ବାହାରିଲା, ସିଦ୍ଧାର୍ଥଙ୍କ ନିର୍ଦ୍ଦେଶକ୍ରମେ କିଛି ଯୁବ ଗୁଣ୍ଡା ଷ୍ଟୁଡେଣ୍ଟ ୟୁନିଫର୍ମ ପିନ୍ଧି ଶୋଭାଯାତ୍ରାରେ ଆସୁଥିବା ପିଲାମାନଙ୍କ ମଧ୍ୟରେ ସଜାଗ ରହିବେ। ପିଲାମାନେ ଯେତେବେଳେ ଶାନ୍ତିପୂର୍ଣ୍ଣ ଭାବେ ଶୋଭାଯାତ୍ରାରେ ବାହାରି ବିଧାନସଭା ଆଡ଼କୁ ଅଗ୍ରସର ହେବେ, ଶୋଭାଯାତ୍ରାକୁ ରାଜ୍ୟ ଏବଂ କେନ୍ଦ୍ରରୁ ଆସିଥିବା ଅର୍ଦ୍ଧ ସାମରିକ ବାହିନୀ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବାଧା ଦେଇ ଅଟକାଇବେ। ସେତିକିବେଳେ ଷ୍ଟୁଡେଣ୍ଟ ବେଶରେ ଥିବା ଗୁଣ୍ଡାମାନେ ପୋଲିସ ଫୋର୍ସ ଉପରକୁ ଟେକା, ପଥର, ଶେଷରେ ବୋମା ଫିଙ୍ଗି କ୍ଷତବିକ୍ଷତ କରି ଉସୁକାଇବେ। ପରିସ୍ଥିତି ଅଣାୟତ୍ତ ହେବ।

ତା'ପରେ?

ତା'ପରେ ପୋଲିସ ଫୋର୍ସ ଉତ୍‌କ୍ଷିପ୍ତ ହୋଇ ଲାଠିଚାର୍ଜ କରିବ, ଟିୟର ଗ୍ୟାସ୍ ଛାଡ଼ିବ, ତଥାପି ପରିସ୍ଥିତି ଅଣାୟତ୍ତ ହେବାରୁ ମାଜିଷ୍ଟ୍ରେଟ ଫାୟାରିଂ ଅର୍ଡର ଦେବେ। ତା'ପରେ ଛାତ୍ରମାନେ କିଏ କୁଆଡ଼େ ଛତ୍ରଭଙ୍ଗ ଦେବେ। ବାସ୍, ଷ୍ଟ୍ରାଇକ୍ ଭାଙ୍ଗିଯିବ। ବିରୋଧୀ ଦଳମାନଙ୍କ ଅଙ୍କକଷା ଭୁଲ ହୋଇଯିବ। ସରକାର ରକ୍ଷା ହୋଇଯିବ। ଶିକ୍ଷାମନ୍ତ୍ରୀଙ୍କ ଗାଦି ମଧ୍ୟ ସୁରକ୍ଷିତ ରହିବ।

ସିଦ୍ଧାର୍ଥ ମୋଟା ଅଙ୍କର ଡିଲ କରି ସମସ୍ତ ବ୍ୟବସ୍ଥା କରି ଦେଇ ଅଫିସ ରୁମ୍‌ରେ ଟିଭି ସାମ୍ନାରେ ଚୁପ୍‌ଚାପ୍ ବସିଥିଲେ।

ଧୀରେଧୀରେ ସାରା ରାଜ୍ୟରୁ ତଥା ରାଜ୍ୟ ବାହାରୁ ଷ୍ଟୁଡେଣ୍ଟମାନେ ଆସି ଷ୍ଟେଶନ ଛକରେ ରୁଣ୍ଡ ହେବାରେ ଲାଗିଛନ୍ତି। ସହରର ସବୁ ରାସ୍ତାଘାଟ ଜାମ୍। ଦୋକାନ ବଜାର ବନ୍ଦ।

ପୋଲିସ ଫୋର୍ସ ସଜାଗ।

ବିଧାନସଭା ଉଠୁଛି, ପଡୁଛି।

ବିରାଟ ଶୋଭାଯାତ୍ରା ଷ୍ଟେଶନ ଛକରୁ ବିଧାନସଭା ଆଡ଼କୁ ମାଡ଼ି ଆସୁଛି।

ନିର୍ଦ୍ଦିଷ୍ଟ ସ୍ଥାନରେ ପୋଲିସ ଫୋର୍ସ, ଅର୍ଦ୍ଧସାମରିକ ବାହିନୀ ଜଗି ବସିଛନ୍ତି। ଶୋଭାଯାତ୍ରା ଏହି ସ୍ଥାନରେ ପହଞ୍ଚିଲେ ସେମାନଙ୍କୁ ଅଟକାଇ ଦିଆଯିବ। ସାମ୍ନାରେ ଥିବା ଛାତ୍ରନେତାମାନଙ୍କୁ ଆରେଷ୍ଟ କରି ଜେଲ ହାଜତକୁ ପଠାଇ ଦିଆଯିବ।



ମାଡ଼ି ଆସୁଛି ଶୋଭାଯାତ୍ରା।

ସବୁ ଟିଭି ଚ୍ୟାନେଲର ରିପୋର୍ଟରମାନେ ଲାଇଭ୍ ଟେଲିକାଷ୍ଟ ମାଧ୍ୟମରେ ରିପୋର୍ଟିଂ କରି ଚାଲିଛନ୍ତି।

ସିଦ୍ଧାର୍ଥ ଟିଭି ଆଗରେ ବସି ସବୁ ଦେଖୁଛନ୍ତି। ଜୀବନରେ ଏମିତି ବହୁ କ୍ରିଟିକାଲ ସମସ୍ୟା ସେ ହେଣ୍ଡଲ କରିଛନ୍ତି। ଏଇଟା ତାଙ୍କ ପାଇଁ କିଛି ନୂଆକଥା ନୁହେଁ।

ବିଧାନସଭା ଚାରିପଟେ ଶହେ ଚଉରାଳିଶ ଧାରା ଲାଗୁ ହୋଇଛି।

ଏବେ ଶୋଭାଯାତ୍ରା, ପୋଲିସ ଫୋର୍ସ ସାମ୍ନାସାମ୍ନି।

ଆରମ୍ଭ ହୋଇଗଲା ଧସ୍ତାଧସ୍ତି, ଗଣ୍ଡଗୋଳ। ଛାତ୍ରନେତାମାନେ ପୋଲିସ କର୍ଡନ ଭାଙ୍ଗି ଭିତରକୁ ପଶିବାକୁ ଉଦ୍ୟମ ଆରମ୍ଭ କରିଦେଲେ। ତା'ପରେ ଛାତ୍ରମାନଙ୍କ ତରଫରୁ ଚାଲିଲା ଟେକା ପଥର ମାଡ଼। କ୍ଷତାକ୍ତ ହେଲେ ପୋଲିସ। ନିଜର ପ୍ରୋଟେକ୍‌ଶନ ପାଇଁ ମାଜିଷ୍ଟ୍ରେଟ ଲାଠିଚାର୍ଜ ଆଦେଶ ଦେଲେ। ତା' ପରେପରେ ଟିୟରଗ୍ୟାସ୍ ଛଡ଼ାଗଲା।

ପରିସ୍ଥିତି ଅସମ୍ଭାଳ।

ଛାତ୍ର ଏବଂ ପୋଲିସ ବାହିନୀ ମଧ୍ୟରେ ଚାଲିଲା ଖଣ୍ଡଯୁଦ୍ଧ।

ହଜାର ହଜାର ପିଲା ପୋଲିସ ପ୍ରଶାସନକୁ ବେଖାତିର କରି ବିଧାନସଭା ଅଭିମୁଖେ ମାଡ଼ି ଚାଲିଥିଲେ।

ମାଜିଷ୍ଟ୍ରେଟ୍ ଉପାୟଶୂନ୍ୟ, ଫାୟାରିଂ ଅର୍ଡର ଦେବାକୁ ବାଧ୍ୟ ହୋଇଥିଲେ। ଚାଲିଲା ଅନ୍ଧାଧୁନିଆ ଫାୟାରିଂ, ପୋଲିସ ବାହିନୀ ପ୍ରଥମେ ବ୍ଲାଂକ୍ ଫାୟାରିଂ କଲେ। ତଥାପି ପରିସ୍ଥିତି କାବୁକୁ ଆସିଲାନି। ଶେଷରେ ଶୋଭାଯାତ୍ରା ଉପରକୁ ଫାୟାରିଂ ଚାଲିଲା।

ଛତ୍ରଭଙ୍ଗ ଦେଲେ ପିଲାମାନେ।

କିଏ କୁଆଡ଼େ ଜୀବନ ବିକଳରେ ଧାଇଁଲେ। ମୁହୂର୍ତ୍ତ କେଇଟାରେ ବିଧାନସଭା ସାମ୍ନା ରାସ୍ତା ଶୁନ୍‌ଶାନ୍ ହୋଇଗଲା। କାହାର ହାତ ଭାଙ୍ଗିଲା ତ କାହାର ଗୋଡ଼ ଭାଙ୍ଗିଲା। କାହାର ଆଖି କଣା ହେଲା।

ରାସ୍ତା ଉପରେ ପଡ଼ି ରହିଥିଲା କେତୋଟି ଗୁଳିବିଦ୍ଧ ଛାତ୍ରଙ୍କ ମୃତଦେହ। ଟିଭି ରିପୋର୍ଟର ଲାଇଭ୍ ଟେଲିକାଷ୍ଟ କରୁଥିଲେ।

ପରିସ୍ଥିତିକୁ ସମ୍ଭାଳି ଦେଇଥିବାରୁ ଏବଂ ସବୁ କଥା ଠିକ୍‌ଠିକ୍ ଅପରେଶନ୍ କରିପାରିଥିବାରୁ ମନେମନେ ଖୁବ୍ ଖୁସି ହେଉଥିଲେ ସିଦ୍ଧାର୍ଥ।

ଟିଭି ରିପୋର୍ଟର ଲାଇଭ୍ ଟେଲିକାଷ୍ଟ ଜରିଆରେ ମୃତ ଛାତ୍ରମାନଙ୍କ ଗୁଳିବିଦ୍ଧ ଶରୀରକୁ ଗୋଟିଗୋଟି କରି ଦେଖାଇଲାବେଳେ ଚମକି ପଡ଼ିଥିଲେ ସିଦ୍ଧାର୍ଥ। ନିଜ ଆଖିକୁ ସେ ବିଶ୍ୱାସ କରି ପାରୁ ନ ଥିଲେ। ସେ ଚିତ୍କାର କରି ଉଠିଥିଲେ।

ମଝି ରାସ୍ତାରେ ରଞ୍ଜନର ଗୁଳିବିଦ୍ଧ ଶରୀର ରକ୍ତ ଜୁଡୁବୁଡୁ ହୋଇ ପଡ଼ିଛି।

ପାଗଳ ଭଳି ଧାଇଁଛି ସିଦ୍ଧାର୍ଥ।

ରଞ୍ଜୁରେ... ରଞ୍ଜୁରେ... ରଞ୍ଜୁରେ... ବୋଲି ଚିତ୍କାର କରି ଚଉଦିଗ କମ୍ପାଉଛି ସିଦ୍ଧାର୍ଥ। ସିଦ୍ଧାର୍ଥର ବିକଳ ଚିତ୍କାର ବଡ଼ବଡ଼ କୋଠାଗୁଡ଼ିକରେ ପ୍ରତିଫଳିତ ହୋଇ ନିଜ ପାଖକୁ ଫେରିଆସୁଥିଲା।

ରଞ୍ଜୁରେ... ରଞ୍ଜୁରେ... ରଞ୍ଜୁରେ...।

ଶିକ୍ଷାମନ୍ତ୍ରୀ ବିଚିତ୍ରାନନ୍ଦ ବାବୁ ପରିସ୍ଥିତିକୁ ସମ୍ଭାଳି ଦେଇଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଜଣାଇ ସାବାସି ଦେଇଥିଲେ।

***– ଶୁଭମ୍, ୨୮୫/୩୬୮୧, ନନ୍ଦନ ବିହାର, ଭୁବନେଶ୍ୱର***

# ମୁଁ ସେଇ ଘରେ ରହେ

**ବିଦ୍ୟୁତ୍ ପ୍ରଭା ଗନ୍ତାୟତ**

ମୁଁ ସେଇ ଘରେ ରହେ
ଯେଉଁ ଘରର ବାହାର କାନ୍ଥ
ଚାଲୁଣି ପରି କଣାକଣା
ଗୁଳିମାଡ଼ର କ୍ଷତରୁ
ରକ୍ତ ଝରୁଥାଏ ।
ଘର ଛାତରେ
ନିସ୍ତବ୍ଧ ରାତିର ଜମାଟବନ୍ଧା
ଡରକୁଳା କାକର
ଉଚ୍ଛୁର ଖରାରେ
ଲୁହ ହୋଇ ବହେ ।।

ମୁଁ ସେଇ ଘରେ ରହେ
ଯେଉଁ ଘର ରୋଷେଇର
ଫୁଟନ୍ତା କ୍ଷୀରରେ
ଈର୍ଷା ଓ ଘୃଣାର
ବୁନ୍ଦାବୁନ୍ଦା ରକ୍ତ ମିଶେ
ଘାଇଁଘାଇଁ ଗ୍ରେନେଡ୍ ମାଡ଼ରେ
ବାରୁଦମିଶା ସିମେଣ୍ଟ ଗୁଣ୍ଡ
ଖାଇବା ଥାଳିରେ ପଶେ ।।

ମୁଁ ସେଇ ଘରେ ରହେ
ଯେଉଁ ଘରର ଲୁଗାପଟା
ସଫା ହୋଇ ଖରାରେ ଶୁଖେନା
ଝାଳ, ଲୁହ, ରକ୍ତ ପିଇପିଇ
ଚମଡ଼ା ପାଲଟେ
ମୁଁ ସେଇ ଘରେ ରହେ
ଯେଉଁ ଘର ଝର୍କା ଦେଇ
ମୁକୁଳା ପବନ ପଶିବା ମନା
ଘର ଭିତରେ ଆକ୍ରାମାକ୍ରା
କର୍ଫ୍ୟୁ ଜାରିଥାଏ ।।

ମୁଁ ସେଇ ଘରେ ରହେ
ଦିନଦିନ ମାସ ବର୍ଷ ଧରି
ନାଚାର ନଜରବନ୍ଦୀ
ଅସୂର୍ଯ୍ୟ ଅନ୍ଧାରରେ
ଗୋଟିଗୋଟି ନିଃଶ୍ୱାସ ଗଣି
ମୋ' ପୂର୍ବଜଙ୍କ ଦାୟାଦପଣରେ ।।

– ମାଷ୍ଟରକ୍ୟାଣ୍ଟିନ ଛକ, ଭୁବନେଶ୍ୱର

# କାନ୍ଥର ବି କାନ ଥାଏ

**ଲିପ୍‌ସା ପଟେଲ**

କାନ୍ଥର ବି କାନ ଥାଏ ବୋଲି ତ
ସେ ଚୁପ୍‌ଚାପ୍ ଶୁଣିପାରେ
ତୁମର-ମୋର ଚୁପ୍‌ଟାପ୍ କଥା
ଶୁଣାଇ ଦେଇପାରେ ଯୁଦ୍ଧର ବିଗୁଲ୍
ରଣସଜ୍ଜା ଅଶ୍ୱର ଟାପୁ,
ତା' କାନରେ ହିଁ ବାଜେ
ଅଜସ୍ର ବର୍ଷାବିନ୍ଦୁର ଶବ୍ଦ...
ସାରା ରାତି ଯିଏ ଉଜାଗର ରହେ
ଗଣିବାକୁ କାକରର ଟୋପାଟୋପା ଚିହ୍ନ ।

ପବନର ସାଇଁସାଇଁ ଆଗମନ
ଅବା ହୃଦୟର ଦୁକ୍‌ଦୁକ୍
ସବୁ ତ ଶୁଣିପାରେ ସେ,
ଇଟା ହେଉ ବା କଂକ୍ରିଟ୍
ନିଜର କ୍ଷୁଦ୍ରାଂଶରେ
ଅହରହ ଚାଲିଥାଏ କଥାବାର୍ତ୍ତା,
ହୁସିଆର ! କାନ୍ଥର ବି କାନ ଥାଏ ।

– ଇରିଗେସନ କଲୋନୀ, ଭବାନୀପାଟଣା,
କଳାହାଣ୍ଡି

# କବିତା

## ବୋଉ ଓ ବରଗଛ

**ଡ. ବିକ୍ରମ କୁମାର ମହାପାତ୍ର**

ରାତି ପାହିଲା ବେଳକୁ
ନ ଥିଲେ କାଉ କି କଜଳପାତି
ଆକାଶରେ ଧାରେ ମଲାଜହ୍ନ
ଘାସ ଉପରେ କେଇବୁନ୍ଦା କାକର ଖାଲି ।

ସକାଳ ଦେଖି ବୋଉ ବେହାଲ
ବୋଉ ବେହାଲ ଦେଖି
ଜୋତା ଖୋଜିଲା ବେଳକୁ ଜୋତା ନାହିଁ
ରାସ୍ତା ଖୋଜିଲା ବେଳକୁ ରାସ୍ତା ନାହିଁ
ଗୋଟେ ବଢ଼ିଲା ଗଛର ଗଣ୍ଡି ଭିତରୁ
ଇତିହାସର ମଞ୍ଜ ଖୋଜୁଖୋଜୁ
ବାଚାଳ ପୁଅ ।

ବୋଉ ଆଖି ଭିତରେ
ଉଇଁ ଆସୁଛି ସୂର୍ଯ୍ୟ,
ଗୁରୁବାର ସଂକ୍ରାନ୍ତିରେ
ରାଧାମାଧବଙ୍କ ପାଇଁ ଫୁଟିଛି
ବଗିଚାରେ ଫୁଲ
ସକାଳୁ ସକାଳୁ ପହଁରୁଛି
ଫୁଲରେ କଅଁଳ ପବନ ।

ଆଖି ଖୋଲିବ ବୋଉ,
ଆଖି ଖୋଲିଲେ
ଚଅଁରା ମାଟିହାଣ୍ଡିରେ
ଗୋବରପାଣି, ଛୁଞ୍ଚକନା,
ଖଜୁରି ଛାଞ୍ଚୁଣି ପାଇଁ ହାତଟିଏ ଲୋଡ଼ା ହେବ
ଟାଆଁସିଆ ପାଣିକାଚ ପିନ୍ଧା ହାତରେ
ସଅଁପି ଦବ ସକାଳର ନୈବେଦ୍ୟ ।

ବୋଉ ଓଠର ଚେନାଏ ହସ ପରି
ଆକାଶରେ ଭୋରର ଧାରେ ଜହ୍ନ
ଶିଶିରଭିଜା ଘାସ ଉପରେ
ଥାପିଛି କେରେ ସବୁଜ ଜୀବନ ।

ଘର ଆଗର ସେ ଗଛଟି
ଯେଉଁ ଗଛମୂଳେ ଦିନେ
ଖପରାଡିଆଁ ଖେଳ ହେଉଥିଲା
ପବନର ଗୀତ ଶୁଣି ଶୁଣି
ସେ ଗଛଟି ଏବେ ବଡ଼ ହେଲାଣି ।
ତା' ଓହଳରେ ପିଲାଏ ଦୋଳି ଖେଳନ୍ତି
କେହିକେହି ତ ଛାଇରେ ବସି ଫେରିଯାଆନ୍ତି
ଘରକୁ ।

ଦିନେ ବୋଉ ଦେଖିଲା ଗଛଡାଳରେ
ଗୋଟେ କାଉ ଆଉ ଗୋଟେକୁ ଖୁମ୍ପୁଛି
ତା' ଉପରେ ବସିପଡୁଛି
ବୋଉ ଆଖିରେ କାଉ-ରତି...
ବୋଉର ଛାତି ଥରି ଉଠିଲା
ଛାତି ତଳେ ଏକ ବିସ୍ତୀର୍ଣ୍ଣ ସମୁଦ୍ର
ଥାକଥାକ ଉତ୍ତାଳ ଢେଉରେ
ବୁଡ଼ିଯାଉଛି ବୋଉ ତଳକୁ ତଳକୁ ।

ସକାଳ ବଢ଼ିଲା ବେଳକୁ
ପବନ ଟିକେ କମି ଆସୁଛି,
କିଛି କମ୍ ନୁହେଁ ବି ନୀରବତା
କାଲି ଖେଳବେଳେ ଉଡ଼ିଯାଇଥିବା ପଟେ ତାସ୍‌କୁ
ପିଲାଟିଏ ଶୁଖିଲା ପତ୍ର ତଳୁ
ଗୋଟେଇ ଆଣୁଛି ତରତରରେ,
ଆଉ ବାଜିଏ ଖେଳ ହେବ ହୁଏତ
ସୁଯୋଗ ଦେଖି ଅପରାହ୍ଣରେ ।

– ଇଂରାଜୀ ବିଭାଗ,
ବ୍ରହ୍ମବରଦା ମହାବିଦ୍ୟାଳୟ, ଯାଜପୁର

## ଭାତ

**ବିନ୍ଦୁସାଗର ଓଝା**

ବାବୁ, ଏ ବାବୁ!
ପଇସା ଦେ' ବାବୁ ।
ମୋ' ପିଲାକବିଲା ମରିଯିବେ ବାବୁ!!

ଆବେ ଚୋପ୍
ପଇସା, ପଇସା, ପଇସା...
ତୋର ପଇସା ଶୁଝିବାକୁ
ତିନିଦିନ ଆହୁରି ବାକି
ପୁଣି ପଇସା...!
ଆବେ କାମ କର
ପୋଷି ପାରିବୁନି କୁଟୁମ୍ବ ଯଦି
ଜନମ କରୁଥିଲୁ କିଆଁ ବେ ?

ମାରନା, ମାରନା ବାବୁ ମରିଯିବି
ପେଟରେ କିଛି ନାଇଁ...
କାଲିଠୁଁ ଚୁଲିକି ଯାଇନେଇଁ ଜାଳ
ଘରେ ନାଇଁ ମଲୁଖ କଣିକା ।।

ଫାଉଡ଼ା ଟେକିବାକୁ ବଳ ନାଇଁ
ଗୋଡ଼ ହାତ ଛିଡ଼ିପଡୁଚି
ଓଃ ମୋ' ମୁଣ୍ଡ... !!

ଏ ବାଲି ଗାଣ୍ଡୁଆଟା
ଭାତ ହେଇଯା'ନ୍ତା କି!
ଏ ଇଟାଗୁଡ଼ା ରୁଟି ହେଇଯା'ନ୍ତା କି !!

**– ମୁକୁନ୍ଦପୁର, ଅଚ୍ୟୁତପୁର, ରାଜକନିକା,
କେନ୍ଦ୍ରାପଡ଼ା**

# କବିଟିଏ

**ଡା. ମନୋରଞ୍ଜନ ଦାଶ**

କବିଟିଏ ଜୀବିକା ବାହାରେ
ଦ୍ୱିତୀୟ ଈଶ୍ୱର ପାଲଟିଯାଏ
ଶବ୍ଦ ସହ ଭାବକୁ ଯୋଡ଼ି କବିତାରେ
ନିମଗ୍ନ ହୋଇ ସୃଷ୍ଟିକୁ
ସଜାଏ...

କେବେ ଦୁଃଖ ସାଉଁଟେ
ତ କେବେ ସୁଖକୁ ଆଦରିନିଏ
କେବେ ବାଲ୍ମୀକି ପାଲଟେ
ତ କେବେ ନିନ୍ଦାର କାଳିମା ବୋଳିହୁଏ ।
ସ୍ଥିତପ୍ରଜ୍ଞର ଶରଶଯ୍ୟାରେ
କେବେ ପୁଣି ପିତାମହ ପାଲଟେ ।
କେବେ ଆତ୍ମୀୟତା ଖୋଜି ପ୍ରତାରିତ ହୁଏ
ତ କେବେ ଦୀର୍ଘଶ୍ୱାସ ପିଇ
ସୁଖ ବାଣ୍ଟେ ।

ସମସ୍ୟା ଜର୍ଜରିତ ହୋଇ ବି
ସ୍ୱପ୍ନରେ ବିଭୋର ଥାଏ କବି
ସ୍ୱର୍ଗ କି ନର୍କ କ'ଣ ବୁଝେନା, ବରଂ
ଜୀବନରେ ବୁଡ଼ି ରହି
ପ୍ରେମ ଓ ସମ୍ପର୍କକୁ ଯୋଡୁଥାଏ,
ଶବ୍ଦରେ, ଶବ୍ଦରେ... ।

– ପ୍ରଭାବତୀ ନିଳୟମ୍, ବେଲତଳ, ପଚ୍ଛାମୁଣ୍ଡାଇ,
କେନ୍ଦ୍ରାପଡ଼ା

## ଗୀତି-କବିତା

# ଜୟ ତୁ' ଜୀବନ

**ବିପ୍ଲବ**

କେବେ ଏ ଜୀବନ ଲୁହ ଛଳଛଳ
କେବେ ଭରା ଜହ୍ନରାତି
କେବେ ଏ ଜୀବନ ମରୁ ମରୀଚିକା
ଚଇତ୍ରର ମିଠା ଗୀତି ।।

କେବେ ଏ ଜୀବନ ସୁନା ପଞ୍ଜୁରିର
ବନ୍ଦିନୀ ଶୁକ ପକ୍ଷୀ
କେବେ ଖୋଜେ ପୁଣି ମୁକ୍ତିର ପଥ ସେ
ହେ ରାମ ହେ ରାମ ଡାକି ।।

କେବେ ଏ ଜୀବନ ଚୋରା ଚଇତାଳି
ମିଠା ମିଠା ଅନୁରାଗ
କେବେ ଏ ଜୀବନ ଫଗୁ-ଫଗୁଣରେ
ଅଦିନ ଆଷାଢ଼ ମେଘ ।।

କେବେ ସେ ଶଢ଼ିଛି କେବେ ସେ ଲଢ଼ିଛି
ତଥାପି ହୋଇନି କ୍ଷୟ
ମାଟିରେ ମଜିଛି ଆକାଶେ ହଜିଛି
ଜୟ ତୁ' ଜୀବନ ଜୟ ।।

– ମକୁନ୍ଦପୁର, ବାଙ୍କୀ




# ମୋର ପ୍ରଥମ ଲେଖା ଆଜି ବି ମୋତେ ମତୁଆଲା କରେ



**ଦିଲୀପ କୁମାର ଚୌଧୁରୀ**

**ଦିଲୀପ କୁମାର ଚୌଧୁରୀଙ୍କ ଜନ୍ମ ୧୯୬୭ରେ, ବ୍ରହ୍ମପୁରରେ। ଶିଶୁ ସାହିତ୍ୟ ରଚନାରୁ ଲେଖକ ଜୀବନ ଆରମ୍ଭ କରିଥିବା ଦିଲୀପ ଏବେ ଗଳ୍ପ, କବିତା, ପ୍ରବନ୍ଧ ଓ ନାଟକ ଆଦି ନାନା ବିଭାଗରେ ନିଜ ସୃଜନ-ଶକ୍ତିର ପରୀକ୍ଷା ଦେଇ ଚାଲିଛନ୍ତି। ତାଙ୍କ ରଚିତ 'ବାଲିଘରର ଚିତ୍ର' ଗଳ୍ପ ସଂକଳନ 'ଓଡ଼ିଶା ସାହିତ୍ୟ ଏକାଡେମୀ' ଦ୍ୱାରା ପ୍ରକାଶିତ। ନିଜ ରଚନାର ବୈଶିଷ୍ଟ୍ୟ ପାଇଁ ଆଞ୍ଚଳିକ ଓ ରାଜ୍ୟ ସ୍ତରର ବହୁ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ଏହି ଲେଖକ ଏଥର 'ପହିଲି ପୁଲକ'ରେ କହିଛନ୍ତି ସାହିତ୍ୟରେ ତାଙ୍କ ଅଂକୁରୋଦ୍‌ଗମ ବେଳର କଥା...**

ପିଲାଟିବେଳୁ ଲେଖାଲେଖି କରୁଥିଲି। କ'ଣ ଲେଖୁଥିଲି? କାହିଁକି ଲେଖୁଥିଲି? ଲେଖାଲେଖି ପଛର ହେତୁ ମୋତେ ଅଜଣା ଥିଲା। ବଡ଼ ହେଲା ପରେ ଜାଣିଲିଯେ, ଈଶ୍ୱର ମୋତେ ଲେଖିବା ପାଇଁ ପଠାଇଛନ୍ତି। କାରଣ ଆଉ କିଛି ବୋଧହୁଏ ମୋ' ଦେଇ ହେବ ନାହିଁ। ପିଲାଟିବେଳୁ ମୁଁ ରୋଗୀ। ସବୁବେଳେ ହସ୍‌ପିଟାଲ୍। ଔଷଧ, ଅପରେଶନ୍‌ରେ ଅଧା ଜୀବନ କଟିଗଲା। ଘରଲୋକ ମୋତେ ପ୍ରାୟ ବାହାରକୁ ଛାଡୁ ନ ଥିଲେ। ଆଜି ବି ନୁହେଁ। ଏହି ରୋଗଣା ଦେହ ଯୋଗୁ ଡାକ୍ତର ବିବାହ କରିବାକୁ ବାରଣ କରିଥିଲେ। ପ୍ରାୟ ଜୀବନ ମୋର ଏକାନ୍ତରେ କଟିଲାଣି। ଆଉ ଏହି ଏକାନ୍ତପଣର ସାଥୀ ସାହିତ୍ୟ।


ନିଜେନିଜେ ଲେଖୁଥିଲି। ନିଜେ ପଢୁଥିଲି। ପ୍ରକାଶନର ମାଧ୍ୟମ ଜାଣି ନ ଥିଲି। ଜେଜେ ଆଈ (ଅଜାଙ୍କ ବୋଉ) ମାମୁ ଘରେ ଥିଲାବେଳେ କାହାଣୀ କହୁଥିଲେ। ଗୀତ ଗାଉଥିଲେ, ଭଜନ ବୋଲୁଥିଲେ, କଥାକଥାରେ ଢଗ ମେଲୁଥିଲେ। ସମସ୍ତେ ହସୁଥିଲୁ। ମୁଁ ହସୁଥିଲି ସତ, ତା'ପର ଦିନ ତାହା ଲେଖି ରଖୁଥିଲି। ଆମ ଗାଁ ନୂଆପଡ଼ା ବ୍ରହ୍ମପୁରଠାରୁ ୫୦ କିଲୋମିଟର ଦୂରରେ। ମୋର ସ୍ୱାସ୍ଥ୍ୟ ଠିକ୍ କରିବାକୁ ନନା ବ୍ରହ୍ମପୁର ସପରିବାର ନେଇ ଆସିଲେ। ବଡ଼ ମେଡିକାଲ୍ ବଡ଼ଡାକ୍ତର ଦେଖିବା ପରେ ସ୍ୱାସ୍ଥ୍ୟରେ ସାମାନ୍ୟ ପରିବର୍ତ୍ତନ ଆସିଲା। ତା'ପରେ ବାହାରକୁ ଆସିଲି। ମେଟ୍ରିକ୍ ପରେ ସାଇକେଲ୍ ଚଲାଇଲି। 'ଦୈନିକ ଆଶା' ବ୍ରହ୍ମପୁରରୁ ଦ୍ୱିତୀୟବାର ୧୯୮୨ରେ ପ୍ରକାଶିତ ହେଲା। ୧୯୮୪ରେ ଦୈନିକ ଆଶା 'ସାହିତ୍ୟ ଆସର' ଆରମ୍ଭ ହେଲା। ଆମ ଘରକୁ 'ଦୈନିକ ଆଶା' ଓ 'ସମାଜ' ଆସୁଥିଲା। ତା'ସହିତ ମାସିକ ପତ୍ରିକା 'ଜହ୍ନମାମୁଁ' ଓ 'ମୀନା ବଜାର' ମଧ୍ୟ ଆସୁଥିଲା। ସେ ସବୁ ପଢ଼ିବା ପରେ ମୋର ଲେଖା ପ୍ରକାଶ କରିବାକୁ ଇଚ୍ଛା ହେଲା। ୧୯୮୪ରେ ମୁଁ 'ଦୈନିକ ଆଶା' ସାହିତ୍ୟ ଆସରକୁ ଗଲି। ଗପ, କବିତା, କାହାଣୀ, ଗୀତ, ଭଜନ ସେଠାରେ ପଢୁଥିଲି। ସେହିବର୍ଷ 'ଦୈନିକ ଆଶା'ରେ ମୋର ପ୍ରଥମ ଶିଶୁ ଗପ 'ମନପବନ ଘୋଡ଼ା' ପ୍ରକାଶିତ ହେଲା। ତାହା ରବିବାର ଦିନ ପ୍ରକାଶିତ ହୁଏ। ଘରେ ସମସ୍ତେ ଜାଣିଲେ, ପଢ଼ିଲେ, ଖୁସି ହେଲେ। ସୋମବାର ଖରାବେଳକୁ ଡାକରେ ପତ୍ରିକାଟିଏ ଆସିଲା। ତା'ର ଆନନ୍ଦ, ତା'ର ବାସ୍ନା, ତା'ର ପୁଲକ ଆଜି ମଧ୍ୟ ମୋ' ମନପ୍ରାଣରେ ଶିହରଣ ଖେଳାଇଦିଏ। ଏହା ଜମା ଭୁଲିବାର ନୁହେଁ। ଆଜି ଓଡ଼ିଶାର ପ୍ରାୟ ସବୁ ପତ୍ରପତ୍ରିକାରେ ମୋର ଗପ, କବିତା, ଶିଶୁ ଗପ, ଶିଶୁ କବିତା, ପ୍ରବନ୍ଧ, ଆଲୋଚନା ପ୍ରକାଶିତ ଓ ଚର୍ଚ୍ଚିତ। ଏ ଭିତରେ ମୋର ୭ଟି ପୁସ୍ତକ ପ୍ରକାଶିତ। ରାଜ୍ୟସ୍ତରୀୟ କେତେ ପୁରସ୍କାର ଓ ସମ୍ମାନ ମଧ୍ୟ ମିଳିଲାଣି। ତଥାପି ପ୍ରଥମ ଲେଖାର ପ୍ରଥମ ପୁଲକ ଆଜି ବି ମୋତେ ମତୁଆଲା କରେ।



## ପୁସ୍ତକ ପରିଚୟ

### ଏମ୍. ଅଲ୍ଲୀ ଓ ଅନ୍ୟ ଯେତେ ଯିଏ

**ଗାଳ୍ପିକ: ସଦାନନ୍ଦ ତ୍ରିପାଠୀ**
**ପ୍ରକାଶକ: ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର-୧୨**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୧୭୦/-**





ଆଲୋଚ୍ୟ ବହିରେ ମୋଟ ୧୬ଟି ଗଳ୍ପ ସ୍ଥାନିତ। ପ୍ରତ୍ୟେକଟି ଗଳ୍ପ ସମକାଳୀନ ଜୀବନବୋଧ ଓ ଭାଷା-ଭଙ୍ଗିମାକୁ ନେଇ ଏପରି ଗତିଶୀଳଯେ ପଢ଼ିବା ଆରମ୍ଭ କରିବାମାତ୍ରେ ପାଠିକାପାଠକଙ୍କୁ ଗଳ୍ପଗୁଡ଼ିକ ଆବୋରି ଧରିବ। 'ପୁରୀର ଝିଅ' ଗଳ୍ପରେ ଗାଳ୍ପିକ ଅନୁକମ୍ପାକୁ କେବଳ ଗୌରବାନ୍ୱିତ କରିନାହାନ୍ତି, ବରଂ ପୁରୀ ଓ ପୁରୀର ଅଧୀଶ୍ୱର ଶ୍ରୀଜଗନ୍ନାଥଙ୍କୁ ମହିମାମଣ୍ଡିତ କରିଛନ୍ତି। ଉଦ୍ଧୃତିଟିଏ ନେବା- ''ଅନୁକମ୍ପା ପୁରୀର ଝିଅ, ଯେଉଁ ପୁରୀରେ ସାଲବେଗ ସହ ଯୋଡ଼ି ହୋଇଯାଆନ୍ତି ଜଗନ୍ନାଥ। ସେ ଯୋଡ଼ିବା ଜାଣେ, ଭାଙ୍ଗିଦେବନି କଦାପି। ନ ହେଲେ ପୁରୁଷର ଜୀବନଟା ଛାରଖାର ହେବାକୁ କେତେ ଡେରି? ଯେଉଁଦିନ ପତ୍ନୀ ତା' ଉପରୁ ଆସ୍ଥା ହରାଇଦେଲା, ସେ ଦିନ ସିଏ ତ ତିନିପାଞ୍ଚିରୁ ଗଲା! ଲକ୍ଷ୍ମୀ କୋପ କଲେ ପରା ସ୍ୱୟଂ ଜଗନ୍ନାଥଙ୍କୁ କୋଉଠି ଅନ୍ନ ମୁଠେ ମିଳେନି।'' (ପୃ: ୯୪) ଏହିପରି ଅନ୍ୟ ଗପ- 'ପୋକ', 'ଏମ୍. ଅଲ୍ଲୀ', 'ଅପୂର୍ବର ମିସେସ୍', 'କିଏ କି ସିଏ', 'ଠେଙ୍ଗୁଆ', 'ଲୁହ' ଓ 'କାବେରୀ ଦେବୀ'। ''ଆଧୁନିକ ଓଡ଼ିଆ ଗଳ୍ପର ସ୍ୱରୂପ''ରେ ବାଞ୍ଛାନିଧି ଦାଶ ରବି ପଟ୍ଟନାୟକଙ୍କ ପର ପିଢ଼ିରେ ସଦାନନ୍ଦଙ୍କୁ ଯେପରି ମହିମ୍ନ କରି ସ୍ଥାନିତ କରିଛନ୍ତି, ତା'ର ପ୍ରମାଣ ଏ ବହିଟି କି ନା, ସେ ନିଷ୍ପତ୍ତି ପାଠକଙ୍କର।

### ଏ ମାଟିର ଡାକ

**ପ୍ରାବନ୍ଧିକ: ବିଶ୍ୱଭୂଷଣ ହରିଚନ୍ଦନ**
**ପ୍ରକାଶକ: ଲେଖାଲେଖି, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୨୬୦/-**


ମୋଟ ୫୩ଟି ପ୍ରବନ୍ଧ ସ୍ଥାନିତ ଆଲୋଚ୍ୟ ପ୍ରବନ୍ଧ ପୁସ୍ତକରେ। 'ଗ୍ରନ୍ଥ ପ୍ରବେଶ'ରେ ଲେଖକ ଲେଖିଛନ୍ତି: ''ଏ ମାଟିର ଡାକ ଶୁଣି ଆମ ବିବେକର ଚକ୍ଷୁ ଖୋଲିଯାଏ, ଧମନୀରେ ପ୍ରବାହିତ ରକ୍ତ ଉଷ୍ମ ହୋଇଉଠେ। ମାଆର ସମ୍ମାନ ରକ୍ଷା ପାଇଁ ଆମେ ଅଣ୍ଟା ଭିଡ଼ି ବାହାରି ପଡ଼ିଛୁ, ସଂଗ୍ରାମର ଆହ୍ୱାନ ଦେଇଛୁ। ଏ ପୁସ୍ତକରେ ସନ୍ନିବେଶିତ ଲେଖାଗୁଡ଼ିକ ସେ ଆହ୍ୱାନର ଅଂଶବିଶେଷ।''




ପ୍ରବନ୍ଧଗୁଡ଼ିକର ବିଷୟବସ୍ତୁ ଓ ପ୍ରସଙ୍ଗ ସମାଜ, ରାଜନୀତି, ଜନଜୀବନ, କୃଷି ଓ ଖଣି ସମସ୍ୟା, ପରିବେଶ, ଆଇନ ଅଦାଲତ, ଧାର୍ମିକ ଅବକ୍ଷୟ ଓ ସଂସ୍କାର, ଇତିହାସ ଓ କ୍ରୀଡ଼ା ଆଦି ନାନା ସ୍ତରକୁ ଛୁଇଁଛୁଇଁ ଯାଇଛି। ପ୍ରତିଟି ପ୍ରସଙ୍ଗକୁ ପ୍ରାବନ୍ଧିକ ନିଜର ମୌଳିକ ବିଚାର-ଦୃଷ୍ଟି ଦେଇ ଆଲୋଚନା କରିଛନ୍ତି ଓ ସମ୍ଭାବ୍ୟ ସମାଧାନର ମଧ୍ୟ ଇଙ୍ଗିତ ଦେଇଛନ୍ତି। ଲେଖକଙ୍କ ବୟାନରୀତି ଓ ପ୍ରସଙ୍ଗକୁ ଭିତ୍ତି କରି ତାଙ୍କ ନିଜସ୍ୱ ମତର ବିକଳ୍ପ ହୁଏତ ଥାଇପାରେ, କିନ୍ତୁ ଗ୍ରନ୍ଥର ପ୍ରବନ୍ଧଗୁଡ଼ିକରେ ସେ ନିଜ ଚିନ୍ତନକୁ ଯପରି ଦୃଢ଼ତା ଓ ପୁରୋଦୃଷ୍ଟିର ସହ ବ୍ୟକ୍ତ କରିଛନ୍ତି, ତା'ର ବୌଦ୍ଧିକ ଉଚ୍ଚତାକୁ ଅସ୍ୱୀକାର କରିହେବ ନାହିଁ। ବହିଟି ସବୁଶ୍ରେଣୀର ପାଠିକାପାଠକଙ୍କୁ ଉଦ୍‌ବୁଦ୍ଧ କରିବ ବୋଲି ଆଶା।

### ସହଚରୀ

**କବି: ଦୁର୍ଗାଚରଣ ଷଡ଼ଙ୍ଗୀ**
**ପ୍ରକାଶକ: ଏଥେନା ବୁକ୍ସ, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୧୧୦/-**




ଗ୍ରନ୍ଥାରମ୍ଭରେ ''କଥା ପଦେ କହିବି... ମୋ କଥା'' ଶୀର୍ଷକରେ ଲେଖିଛନ୍ତି: ''ମୁଁ କାନ୍ଦିଲେ କବିତା ଲେଖେ। ଧୂସର ଦିଗ୍‌ବଳୟରୁ ଆର୍ତ୍ତିଟିଏ ଶୁଭେ। ସେହି ଆର୍ତ୍ତି ହିଁ ଜିଜ୍ଞାସା କରେ- କଲମ ଧରାଏ ମୋ' ହାତରେ, ନ ହେଲେ ଆଉ ଆଉ ବେଳେ ମୁଁ ଗୋଟାଏ ନିର୍ଘାତ ବାବଦୂକ।' ଏହା ମିଛ ନୁହେଁ, କାରଣ ସତ୍ କବି ମାତ୍ରେ କାଳିରେ ନୁହେଁ, ଲୁହରେ କଲମ ବୁଡ଼େଇ କବିତା ଲେଖନ୍ତି। ଦୁର୍ଗାଚରଣ ତାହା ହିଁ କରିଛନ୍ତି 'ସହଚରୀ'ରେ ଥିବା ତାଙ୍କର ଅର୍ଦ୍ଧଶତ ଏକକ କବିତାରେ। ଗ୍ରନ୍ଥର ପ୍ରଥମ କବିତା ସହଚରୀ। ଏ ସହଚରୀ କିଏ? କବିତାରେ ସ୍ପଷ୍ଟ ହୋଇ ବି ଅସ୍ପଷ୍ଟ। 'ବଡ଼ି ଭୋର୍‌ର ଲାଲ୍ ସୂର୍ଯ୍ୟ ପରି ଉଦ୍‌ଭାସି' ଉଠେ ଯେଉଁ ସହଚରୀ, ସେ କ'ଣ ଶରୀରଧାରୀ ମାନବୀ? ସହଚରୀ କ'ଣ ମୃତ୍ୟୁ?- ଏହିପରି ନାନା ପ୍ରଶ୍ନ ନିଜକୁ ଓ କବିତାକୁ ପଚାରି ପଚାରି ଶେଷରେ ନିଜ ପାଖକୁ ଫେରିଯିବେ ପାଠକେ ଚରମ ଅତୃପ୍ତିରେ, ଯେଉଁ ଅତୃପ୍ତି ଏକ ସଫଳ କବିତାରୁ ହିଁ ଜଣେ ପାଠକକୁ ମିଳିଥାଏ। ଗ୍ରନ୍ଥସ୍ଥ ପ୍ରାୟ କବିତାରେ ଦୁର୍ଗାଚରଣ ପ୍ରେମ ଓ ସ୍ୱପ୍ନରେ ଉବୁଟୁବୁ। ଜୀବନ ତମାମ ଯେଉଁ ଦୁଃଖ ସେ ଭୋଗିଛନ୍ତି, ସେଇ ଦୁଃଖର ବିଳାପ ଖୁବ୍ ଅନୁଚ୍ଚ ସ୍ୱରରେ ତାଙ୍କ କବିତାରୁ ଶୁଭେ।

### ମାୟା

**ଲେଖିକା: ବିୟତ୍‌ପ୍ରଜ୍ଞା ତ୍ରିପାଠୀ**
**ପ୍ରକାଶକ: ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୨୫୦/-**




'ମାୟା' ଏପରି ଏକ ଉପନ୍ୟାସ, ଯାହାକୁ ଏକା ନିଃଶ୍ୱାସରେ ପଢ଼ିନେବାର ଲୋଭ କ୍ୱଚିତ୍ ପାଠକ ସମ୍ବରଣ କରିପାରନ୍ତି। ପ୍ରକାଶକୀୟରୁ ଉପନ୍ୟାସର ଖିଅ ମିଳେ, ଯେତେବେଳେ ସେ ସୂଚନା ଦିଅନ୍ତି- 'ମାୟା' ଅଷ୍ଟମ ଶତାବ୍ଦୀର ଓଡ଼ିଆ ସମାଜ ଓ ଶାସନତନ୍ତ୍ରର କଥା କୁହେ। ଶାସକ, ଶାସନ ଓ ଅନୁଶାସନ ଭିତରେ ଏକ ପ୍ରେମକଥା ଏଠାରେ ବେଶ୍ ସାବଲୀଳ ଭାବେ ଗତିଶୀଳ। ବ୍ରାହ୍ମଣ୍ୟ, ବୌଦ୍ଧ ଓ ରାଜନ୍ୟ ପରିମଣ୍ଡଳ ଭିତରେ ବିୟତ୍‌ପ୍ରଜ୍ଞା ଏକ ଅଦ୍ୱିତୀୟ କଥାର ସ୍ତବକ ଆମ ଆଗରେ ଥୋଇ ଦେଇଛନ୍ତି, ଯାହା ଆଜିର ରାଜନୈତିକ ଓ ସାମାଜିକ ଜୀବନ ପାଇଁ ବି ଯଥାର୍ଥ। ହୀରାପୁରର ଚଉଷଠି ଯୋଗିନୀ ମନ୍ଦିର ଉପନ୍ୟାସର କେନ୍ଦ୍ରରେ, ଯାହାର ପ୍ରତିଷ୍ଠା ବେଳକୁ ଉପନ୍ୟାସର ନାୟିକା ମହାରାଣୀ ଅଞ୍ଜଳିକା ବୌଦ୍ଧ ସନ୍ନ୍ୟାସିନୀ ହେଇ ଅନ୍ତର୍ହିତ ହୋଇ ଯାଇଛନ୍ତି ଉପନ୍ୟାସର କଥନିକାରୁ। ଯୋ ଜନଜାତିର ସାଂସ୍କୃତିକ ଜୀବନ-ନୂପୁର ବାଜିଉଠେ ଉପନ୍ୟାସର ଅନ୍ତଃସ୍ଥଳରୁ ଏପରି ଛନ୍ଦାୟିତ ହୋଇଯେ ପାଠକ ବିମୋହିତ ହୋଇଯାଏ ଏକ ବିସ୍ମୟକର ଉପଲବ୍ଧିରେ। ଉପନ୍ୟାସର ବିଷୟ-ଯୋଜନା, ଗତିକ୍ରମ ଓ ଭାଷାବିନ୍ୟାସ ସାଂପ୍ରତିକ ଉପନ୍ୟାସ- ପରିମଣ୍ଡଳରେ ବିୟତ୍ ପ୍ରଜ୍ଞାଙ୍କୁ ଅଲଗା କରି ଠିଆ କରାଏ ନୂଆ ଏକ ପରିଚୟରେ। ଯୌନତା ଓ ସନ୍ନ୍ୟାସର ଯୁଗନଦ୍ଧ ସୂକ୍ଷ୍ମତା ଆଙ୍କିବାରେ ଲେଖିକାଙ୍କ ଚତୁର ଓ ଆବେଗଦୀପ୍ତ ବୁଦ୍ଧିମତ୍ତା ପାଇଁ ଉପନ୍ୟାସଟିଯେ ଚର୍ଚ୍ଚିତ ଓ ଆଦୃତ ହେବ, ଏଥିରେ ସନ୍ଦେହ ନାହିଁ।